

ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

LIVE THE JANABARTTA ଜନବାର୍ତ୍ତା

• ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର •

Follow Us : Our Digital News Channel

: Janabartta Live

www.janabartta.com

epaper.janabartta.com

08 NOVEMBER to 14 NOVEMBER 2026

୦୮ ନଭେମ୍ବର ଠାରୁ ୧୪ ନଭେମ୍ବର, ୨୦୨୬

VOL- 1 • ISSUE- 38 ବର୍ଷ-୧ • ସଂଖ୍ୟା- ୩୮ PRGI NO- ORORI/26/A0341. • WEEKLY EDITION ପୃଷ୍ଠା-୮ • ମୂଲ୍ୟ-୮/- PAGES - 8 • PRICE- 8/-

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

କୁହାଯାଏ ଯେ ବିପର୍ଯ୍ୟୟ ଓଡ଼ିଶାର ଚିର ସହଚର। ଓଡ଼ିଶାର ସବୁଠାରୁ ବଡ ବିପର୍ଯ୍ୟୟ ଥିଲା ୧୮୬୬ ମସିହାର ଦୁର୍ଭିକ୍ଷ ଯାହାକି ନଅ ଅଙ୍କ ଦୁର୍ଭିକ୍ଷ ଭାବରେ କୁଖ୍ୟାତ । ଏହି ବିପର୍ଯ୍ୟୟରେ ଦଶ ଲକ୍ଷ ଲୋକ ମୃତ୍ୟୁ ବରଣ କରିଥିଲେ, ଯାହାକି ଓଡ଼ିଶାର ତତ୍କାଳୀନ ଜନସଂଖ୍ୟାର ଏକ ତୃତୀୟାଂଶ ଥିଲା । ଅନାହାର ଓ ହଇଜା, ମ୍ୟାଲେରିଆ ଆଦି ସଂକ୍ରାମକ ରୋଗ ଯୋଗୁଁ ଏତେ ସଂଖ୍ୟାରେ ଲୋକ ଜୀବନ ହରାଇଥିଲେ । ଏହି ବିପର୍ଯ୍ୟୟର କାରଣ କେବଳ ଦୈବୀ ଦୁର୍ବିପାକ ନ ଥିଲା । ଏହାର ଏକ ମୁଖ୍ୟ କାରଣ ଥିଲା ମନୁଷ୍ୟକୃତ । ସଠିକ ତଥ୍ୟ ସଂଗ୍ରହ କରା ନ ଯାଇ, ଖାଦ୍ୟାଭାବର ପଦଧ୍ୱନିକୁ ଉପେକ୍ଷା କରି ବ୍ରିଟିଶ ସରକାର ବିପୁଳ ପରିମାଣର ଚାଉଳ ରପ୍ତାନି କରିବାକୁ ଅନୁମତି ଦେଇ ଦେଇଥିଲେ । ଯଦି ରପ୍ତାନି ବନ୍ଦ କରିବା ସଙ୍ଗେ ସଙ୍ଗେ ସଠିକ ସମୟରେ ଉତ୍ତର ପ୍ରଦେଶରୁ ଚାଉଳ ଓଡ଼ିଶାକୁ ଅଣାଯାଇ ଲୋକଙ୍କ ମଧ୍ୟରେ ବିତରଣ କରାଯାଇ ଥାଆନ୍ତା ତେବେ ଏତେ ବଡ଼ ବିପର୍ଯ୍ୟୟକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା ।



ବିଜୟ କୁମାର ପଟ୍ଟନାୟକ

ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା

କିନ୍ତୁ ପରବର୍ତ୍ତୀ ସମୟରେ ବ୍ରିଟିଶ ସରକାର ନିଜର ଭୁଲ ସ୍ୱିକାର କରିଥିଲେ । ତତ୍କାଳୀନ ଆର୍‌ଡିସି ରେଭେନ୍ସା ଅନୁତାପ କରିବାକୁ ଯାଇ ଓଡ଼ିଶାର ପ୍ରଥମ କଲେଜ କଟକରେ ସ୍ଥାପନ କରିଥିଲେ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ସ୍ଥାପନ କରିଥିଲେ । ବିଭୁକ୍ଷିତ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇବା ପାଇଁ ଓ ଶସ୍ୟ ପରିବହନ ସକାଶେ କୋଷ୍ଟ କେନାଲ ଖନନ କରାଯାଇଥିଲା। ଗଞ୍ଜାମର ବିଭିନ୍ନ ମଧ୍ୟମ ଧରଣର ଡ୍ୟାମ ମଧ୍ୟ ନିର୍ମାଣ କରାଯାଇଥିଲା । ବିପର୍ଯ୍ୟୟରୁ ଶିକ୍ଷା ଲାଭ କରି ବିକାଶ କରିବା ହିଁ ପ୍ରକୃତ ବିକାଶ ।

କେବଳ ମରୁଡ଼ି ନୁହେଁ, ବନ୍ୟା ମଧ୍ୟ ଓଡ଼ିଶାରେ ଅନେକ ବିପର୍ଯ୍ୟୟ ଘଟାଇଛି । ଦକ୍ଷିଣରେ ଋଷିକୁଲ୍ୟା ଠାରୁ ଆରମ୍ଭ କରି ମହାନଦୀ ଓ ତାହାର ବିଭିନ୍ନ ଶାଖାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା ଆଦି ବିଭିନ୍ନ ନଦୀରେ ପ୍ରାୟ ପ୍ରତିବର୍ଷ ବନ୍ୟା ଯୋଗୁଁ ଅନେକ ଚାଷୀଙ୍କର ମେରୁଦଣ୍ଡ ଭାଙ୍ଗି ଯାଇଛି । ଭାରତ ସ୍ୱାଧୀନ ହେବା ପରେ ଜବାହରଲାଲ ନେହରୁଙ୍କ ସରକାର ହୀରାକୁଦରେ ଓଡ଼ିଶାର ପ୍ରଥମ ବୃହତ ନଦୀବନ୍ଧ ଯୋଜନା କରାଇ ଉପକୂଳ ଅଞ୍ଚଳର ମହାନଦୀର ବନ୍ୟାକୁ ପ୍ରଶମିତ କରିଥିଲେ ଓ ପ୍ରାୟ ପାଞ୍ଚ ଲକ୍ଷ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା କରିଥିଲେ । କିନ୍ତୁ କେତେକ ବ୍ୟକ୍ତି ଏହାକୁ ବ୍ୟବହାର କରି ପଶ୍ଚିମ ଓଡ଼ିଶା ଓ ଉପକୂଳ ଓଡ଼ିଶା ମଧ୍ୟରେ ଏକ ବିଭେଦ ସୃଷ୍ଟି କରିଥିଲେ । ସେମାନଙ୍କର ଯୁକ୍ତି ଥିଲା ଯେ ଉପକୂଳ ଅଧିବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ପଶ୍ଚିମ ଓଡ଼ିଶାର ହଜାର ହଜାର ପରିବାର ହୀରାକୁଦ ଜଳଭଣ୍ଡାର ଦ୍ୱାରା ବିସ୍ଥାପିତ କରାଗଲା । ସେହି ଭାବପ୍ରବଣତା ଯୋଗୁଁ ପରବର୍ତ୍ତୀ ସମୟରେ ମହାନଦୀରେ ଟିକରପଡ଼ାଠାରେ ଦ୍ୱିତୀୟ ନଦୀବନ୍ଧ ଯୋଜନା କରାଯାଇ ପାରିଲା ନାହିଁ ।

ହୀରାକୁଦ ପରେ ବ୍ରାହ୍ମଣୀ ନଦୀରେ ରେଙ୍ଗାଳିଠାରେ ବୃହତ ନଦୀବନ୍ଧ ଯୋଜନା କରାଯାଇ ବ୍ରାହ୍ମଣୀ ବନ୍ୟାକୁ ଅନେକ ପ୍ରଶମିତ କରାଯାଇପାରିଲା । କିନ୍ତୁ ହୀରାକୁଦ ବିସ୍ଥାପନ ସମସ୍ୟା ଭଳି ରେଙ୍ଗାଳି ବିସ୍ଥାପନ ସମସ୍ୟା ମଧ୍ୟ ଆଜି ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଉଙ୍କି ମାରୁଛି ।

ସାଳନ୍ଦୀ, ବୈତରଣୀ, ବୁଢ଼ା ବଳଙ୍ଗ ନଦୀଗୁଡ଼ିକ ଓଡ଼ିଶାର ପର୍ବତମାଳାରୁ ହିଁ ଉଦ୍ଭବ । କିନ୍ତୁ ସେ ସବୁର ବନ୍ୟା ବିପ୍ଳାତ ଘଟାଇବାର ସମ୍ଭାବନା ରହିଛି । ଦୀର୍ଘ ଦିନର ଜଙ୍ଗଲରାଜିର କ୍ଷୟ ଯୋଗୁଁ ସେଗୁଡ଼ିକର ଶଯ୍ୟା ପୋତି ହୋଇପଡ଼ିଲାଣି । ଉକ୍ତ ସମସ୍ୟାକୁ ଆହୁରି ଉତ୍କଟ କରୁଛି ନଦୀ ଶଯ୍ୟାର ଜବରଦଖଲ । କେଉଁଠି ଚାଷ ପାଇଁ ତ କେଉଁଠି ଘେରି ପାଇଁ ନଦୀ ଶଯ୍ୟାଗୁଡ଼ିକ ଲୋକଙ୍କ ଦ୍ୱାରା ଅବରୁଦ୍ଧ ହୋଇ ଯାଉଛି । ଫଳରେ ବନ୍ୟାଜଳ ପାଇଁ ନଦୀଗର୍ଭରେ ଯଥେଷ୍ଟ ସ୍ଥାନ ମିଳୁ ନାହିଁ। ତେଣୁ ନଦୀଜଳ ଘରେ, ଗୋଦାମରେ, ସବୁ ପ୍ରକାରର କୋଠାରେ ପ୍ରବେଶ କରୁଛି ଓ ବିଭୀଷିକା ସୃଷ ି କରୁଛି । ଏହାର ଦୀର୍ଘ ସ୍ଥାୟୀ ପ୍ରତିକାର ଆବଶ୍ୟକ। ପାର୍ବତ୍ୟାଞ୍ଚଳରେ ବ୍ୟାପକ ବୃକ୍ଷ ରୋପଣ ଓ ମୃତ୍ତିକା ସଂରକ୍ଷଣ ସହିତ ନଦୀ ଶଯ୍ୟା ଖନନର ଆବଶ୍ୟକତା ରହିଛି । ନଦୀପଥକୁ ଅବରୋଧ କରୁଥିବା ସବୁ ପ୍ରକାରର ଜବରଦଖଲକୁ ଉଚ୍ଛେଦ କରିବାର ଆବଶ୍ୟକତା ରହିଛି । ଯଦି ଏଇ କାର୍ଯ୍ୟକୁ ବ୍ୟାପକ ଭାବରେ କରାଯାଏ ତେବେ ତାହା ଲକ୍ଷ ଲକ୍ଷ କର୍ମ ଦିବସ ସୃଷ୍ଟି କରିବ ଓ ଶ୍ରମିକମାନଙ୍କୁ ଦାଦନ ଖଟିବାକୁ ପଡ଼ିବ ନାହିଁ ।

ବର୍ତ୍ତମାନ ଆସିବା ସଦ୍ୟ ଘଟିଥିବା ଗଞ୍ଜାମ ବନ୍ୟାକୁ। ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଘଟିଥିବା ବର୍ଷା ଫଳରେ ଋଷିକୁଲ୍ୟା ନଦୀରେ ବନ୍ୟା ଆସିଲା ଓ ଭଞ୍ଜନଗର, ଆସିକା, ଶେରଗଡ଼ ଆଦି ୨୦୦ ରୁ ଉର୍ଦ୍ଧ୍ୱ ବସତିରେ ତାଣ୍ଡବ ଘଟାଇଲା । ଶହ ଶହ ବ୍ୟକ୍ତି ଓ ବ୍ୟବସାୟୀ ସେମାନଙ୍କର ବର୍ଷ ବର୍ଷର ସଞ୍ଚିତ ସମ୍ପତ୍ତି ହରାଇଛନ୍ତି । ହଜାର ହଜାର ଚାଷୀ ସେମାନଙ୍କର ସାରା ବର୍ଷର ଉତ୍ପାଦନ ହରାଇଛନ୍ତି । ଜନସାଧାରଣ ବନ୍ୟାର କୁପରିଚାଳନା ଯୋଗୁଁ ଅତ୍ୟନ୍ତ ଉତକ୍ଷିପ୍ତ ହୋଇ ଉଠିଛନ୍ତି । ଏହା ସ୍ୱାଭାବିକ । ସରକାର ଯେଉଁ ସାହାଯ୍ୟ ଘୋଷଣା କରିଛନ୍ତି ତାହା କେବେ ହେଲେ ଲୋକଙ୍କର କ୍ଷତିକୁ ଭରଣା କରି ପାରିବ ନାହିଁ । ସରକାର ଏହାକୁ ଏଡ଼ାଇ ନ ଯାଇ ଏଥିରୁ ଶିକ୍ଷା ଲାଭ କରିବା ଉଚିତ । ଋଷିକୁଲ୍ୟା ନଦୀର ଦୈର୍ଘ୍ୟ ମାତ୍ର ୧୬୦ କିଲୋ ମିଟର । କିନ୍ତୁ ତାହା ହେଉଛି ଗଞ୍ଜାମ ଜିଲ୍ଲାର ଜୀବନ ରେଖା । ପ୍ରାୟ ସବୁ ଛୋଟ ଛୋଟ ନଦୀ ଋଷିକୁଲ୍ୟାରେ ପଡ଼ିଛନ୍ତି । ଏହି ସମସ୍ତ ଛୋଟ ଉପନଦୀ ଗୁଡ଼ିକରେ ଜଳାଶୟ ନିର୍ମାଣ କରି ଜଳ ସଞ୍ଚୟ କରାଗଲେ ବନ୍ୟା ପ୍ରଶମନ କରିବା ସଙ୍ଗେ ସଙ୍ଗେ ବର୍ଷା ଉପରେ ନିର୍ଭର କରୁଥିବା ଜମିକୁ ଜଳସେଚିତ କରା ଯାଇପାରିବ । ଏହି ଉପାୟରେ ଗଞ୍ଜାମର ପ୍ରାୟ ଶତକଡ଼ା ୫୦ ଭାଗ ଜମିକୁ ଜଳସେଚିତ କରାଯାଇପାରିବ ଓ ସେଥିରେ ଦ୍ୱିତୀୟ ଫସଲ ଆମଦାନୀ କରାଯାଇ ପାରିବ । ଗଞ୍ଜାମ ଜିଲ୍ଲା ଏକ ଦାଦନ ପ୍ରବଣ ଜିଲ୍ଲା । ଜଳସେଚନ ହିଁ ଏହାର ଏକ ସ୍ଥାୟୀ ସମାଧାନ ।

ମରୁଡ଼ି ଓ ବନ୍ୟା ଭଳି ବାତ୍ୟା ଓଡ଼ିଶା ପାଇଁ ଏକ ଅଭିଶାପ । ୧୯୯୯ ମସିହାର ସୁପର ସାଇକ୍ଲୋନ ବା ମହାବାତ୍ୟା ଓଡ଼ିଶାର ଇତିହାସରେ ସବୁଠାରୁ ଭୟଙ୍କର ବାତ୍ୟା । ଏଥିରେ ୧୦,୦୦୦ ବ୍ୟକ୍ତି ପ୍ରାଣ ହରାଇଥିଲେ । ସମଗ୍ର ଉପକୂଳ ଅଞ୍ଚଳ ବାତ୍ୟା ଓ ବନ୍ୟା ଦ୍ୱାରା ବିଧ୍ୱସ୍ତ ହୋଇଯାଇଥିଲା । ତତ୍କାଳୀନ କଂଗ୍ରେସ ସରକାର ଏହାର ଶିକାର ହେଲେ । ବାତ୍ୟା ପରେ ସପ୍ତାହ ସପ୍ତାହ ବ୍ୟାପୀ ବିଜୁଳି ସରବରାହ ବନ୍ଦ ରହିଲା । ରାସ୍ତାଘାଟ ଦିନ ଦିନ ଧରି ଅବରୁଦ୍ଧ ହୋଇ ରହିଲା । କୃଷି ଓ ବ୍ୟବସାୟ ନିଶ୍ଚିହ୍ନ ହୋଇଗଲା । ଏଭଳି ବ୍ୟାପକ କ୍ଷୟ କ୍ଷତି ଯୋଗୁଁ ସମଗ୍ର ବିଶ୍ୱରେ ଅକ୍ଟୋବର ୨୯କୁ 'ବିଶ୍ୱ ବିପର୍ଯ୍ୟୟ ଦିବସ' ଭାବରେ ନାମିତ କରାଯାଇଛି । କିନ୍ତୁ ସ୍ୱିକାର କରିବାକୁ ହେବ ଯେ ଏ ସମସ୍ତ ବିଭୀଷିକା କେବଳ ପ୍ରକୃତିକୃତ ନ ଥିଲା ଏଥିରେ ପ୍ରଶାସନର ଅପାରଗତା ମଧ୍ୟ ପରିସ୍ଫୁଟ ହେଉଥିଲା । ରାସ୍ତାରୁ ଗଛ ସଫା କରିବା ପାଇଁ ପ୍ରଶାସନ ନିକଟରେ ଯଥେଷ୍ଟ ସଂଖ୍ୟକ କରତ ନ ଥିଲା । ବିଦ୍ୟୁତଖୁଣ୍ଟ ସିଧା କରିବା ପାଇଁ ଆମ ପାଖରେ ଯନ୍ତ୍ରପାତି ନ ଥିଲା । ଆନ୍ଧ୍ରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ତ୍ୱରିତ ସାହାଯ୍ୟ ଫଳରେ ପରିସ୍ଥିତିରେ କିଛିଟା ସୁଧାର ଆସିଥିଲା । ସରକାରଙ୍କ ନିକଟରେ ଅର୍ଥ ନ ଥିଲା । ପ୍ରଶାସନର ଯଥେଷ୍ଟ ପୂର୍ବ ଅନୁଭୂତି ନଥିଲା । କିନ୍ତୁ ଏହି ବିପର୍ଯ୍ୟୟରୁ ସରକାର ଓ ପ୍ରଶାସନ ଶିକ୍ଷା ଲାଭ କଲେ । ପ୍ରାକୃତିକ ବିପର୍ଯ୍ୟୟକୁ କେବଳ ଏକ ସାମୟିକ ଦୁର୍ଘଟଣା ଭାବରେ ଗ୍ରହଣ ନ କରି ଏହାର ମୁକାବିଲା ପାଇଁ ପ୍ରାକ ପ୍ରସ୍ତୁତି ସକାଶେ ଏକ ସ୍ଥାୟୀ ଅନୁଷ୍ଠାନ ପ୍ରତିଷ୍ଠା କରାଗଲା ,ଯାହାକି ଥିଲା ସମଗ୍ର ଭାରତର ପ୍ରଥମ ସେଭଳି ଅନୁଷ୍ଠାନ । ତାହା ହେଲା "ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା" ବା "ଓସଡମା" । ପରବର୍ତ୍ତୀ

ବିପର୍ଯ୍ୟୟ ଓ ବିକାଶ

ସମୟରେ ଓଡ଼ିଶା ସରକାର ବିଭିନ୍ନ ବାତ୍ୟା, ଯଥା ଫାଇଲିନ, ତିତ୍‌ଲି ଇତ୍ୟାଦି, ଏଭଳି ସଫଳତାର ସହ ମୁକାବିଲା କଲେ ଯେ ତାହା ବିଶ୍ୱ ଜାତିସଂଘ ଦ୍ୱାରା ସମ୍ମାନିତ ହୋଇଥିଲା ।

ଉପର ବର୍ଣ୍ଣିତ ଘଟଣାବଳୀରୁ ଲକ୍ଷ୍ୟ କରିବା କଥା ଯେ,ବିପର୍ଯ୍ୟୟ ପରେ ବିକାଶର ଅନେକ ରାସ୍ତା ଖୋଲି ଯାଇଛି – ତାହା ନଅ ଅଙ୍କ ଦୁର୍ଭିକ୍ଷ ହେଉ ବା ମହାବାତ୍ୟା । ମହାବାତ୍ୟା ପରେ ଓଡ଼ିଶାକୁ ଏତେ ପରିମାଣର ସାହାଯ୍ୟ ଆସିଲା ଓ ଗ୍ରାମାଞ୍ଚଳରେ ସ୍କୁଲ, ବାତ୍ୟା ଆଶ୍ରୟସ୍ଥଳୀ, ରାସ୍ତା ଘାଟ ଆଦି ଏଭଳି ଭାବରେ ନିର୍ମିତ ହେଲା ଯେ, ଲୋକେ ମହାବାତ୍ୟାକୁ 'ମହାଲକ୍ଷ୍ମୀ' ବୋଲି କହିବାକୁ ଲାଗିଲେ ।

ବିପର୍ଯ୍ୟୟ ପରେ ବିକାଶ ସମ୍ଭବ । କିନ୍ତୁ ବିକାଶ ପାଇଁ ବିପର୍ଯ୍ୟୟ ଆବଶ୍ୟକ ନୁହେଁ । କ୍ରମାଗତ ଭାବରେ ବନ୍ୟା ଓ ବାତ୍ୟା ଫଳରେ ଉପକୂଳ ଅଞ୍ଚଳର ବ୍ୟକ୍ତି ମାନଙ୍କ ମନରେ ଏକ ଧାରଣା ସୃଷ୍ଟି ହୋଇଯାଇଛି ଯେ, ଧାନଚାଷ ବ୍ୟତୀତ ସେଠାରେ ଅନ୍ୟ କିଛି ସମ୍ଭବ ନୁହେଁ । କିନ୍ତୁ ଏହା ଭ୍ରମାତ୍ମକ । ଓଡ଼ିଶା ଯେଉଁଭଳି ଭାବରେ ବନ୍ୟା ଓ ବାତ୍ୟା ପ୍ରବଣ ଆମର ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ମଧ୍ୟ ସମାନ ଭାବରେ ବନ୍ୟା ଓ ବାତ୍ୟା ପ୍ରବଣ । କିନ୍ତୁ ଆନ୍ଧ୍ର ପ୍ରଦେଶର ଗ୍ରାମାଞ୍ଚଳ ଅର୍ଥନୀତି ଓଡ଼ିଶାଠାରୁ ଯଥେଷ୍ଟ ଅଧିକ ସମୃଦ୍ଧ । ଓଡ଼ିଶାର ପାରିବାରିକ ଆୟ ମାସିକ ୫୦୦୦ ଟଙ୍କା ହୋଇଥିବା ବେଳେ ଆନ୍ଧ୍ରରେ ତାହା ୧୦,୦୦୦ ଟଙ୍କା । ଏହାର କାରଣ କ'ଣ ହୋଇପାରେ?

ଏହାର କାରଣ ହେଲା ଆନ୍ଧ୍ର ଚାଷୀମାନେ କେବଳ ଧାନଚାଷ ଉପରେ ନିର୍ଭରଶୀଳ ନ ହୋଇ ଅନ୍ୟାନ୍ୟ କୃଷିକାର୍ଯ୍ୟରେ ନିମଗ୍ନ । ଉଦାହରଣସ୍ୱରୂପ ଆନ୍ଧ୍ର ଚାଷୀମାନଙ୍କର ଉଦ୍ୟୋଗୀ ମନୋଭାବ ଯୋଗୁଁ ଆନ୍ଧ୍ରରେ ଉତ୍ପାଦିତ ମାଛ ଓଡ଼ିଶା ତଥା ଓଡ଼ିଶା ଡେଇଁ ପଶ୍ଚିମ ବଙ୍ଗ ଓ ସମୟେ ସମୟେ ଦିଲ୍ଲୀ ପର୍ଯ୍ୟନ୍ତ ଯାଏ । ଆନ୍ଧ୍ରର କୁକୁଡ଼ା ଚାଷ ଯୋଗୁଁ ଏହା ଏକ ପ୍ରମୁଖ ଅଣ୍ଡା ଉତ୍ପାଦନକାରୀ ରାଜ୍ୟ । ଆନ୍ଧ୍ରର ଉପକୂଳ ଅଞ୍ଚଳରେ ଉତ୍ପାଦିତ କଦଳୀ ଓଡ଼ିଶା ବଜାରର ଏକ ପ୍ରମୁଖ ସାମଗ୍ରୀ । ଆନ୍ଧ୍ରର ମହିଳାମାନେ ପୁରୁଷମାନଙ୍କ ସହ ତାଳ ଦେଇ ସମସ୍ତ କାର୍ଯ୍ୟ କରନ୍ତି ।

ବିକାଶର ପ୍ରତିବନ୍ଧକ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ । ବିକାଶର ପ୍ରକୃତ ପ୍ରତିବନ୍ଧକ ହେଉଛି ମାନସିକ ବିପର୍ଯ୍ୟୟ। ଯଦି ପ୍ରାକୃତିକ ବିପର୍ଯ୍ୟୟ ଆମର ମନୋବଳକୁ ଭାଙ୍ଗି ଦିଏ ତାହା ହେଲେ ଆମେ କେବେ ହେଲେ ଅଗ୍ରଗତି କରି ପାରିବା ନାହିଁ ।

ଯେଉଁ ଦିନ ଆମେ ସ୍ୱାଭିମାନର ସହ ବିକାଶ କରିବାକୁ ଚାହିଁବା ସେହି ଦିନ ଠାରୁ କେହି ଆମକୁ ରୋକି ପାରିବେ ନାହିଁ ।

ଦୀପାବଳି ପାଳିବେନି ମୁଖ୍ୟମନ୍ତ୍ରୀ

ବନ୍ୟା ବିପନ୍ନଙ୍କୁ ସହାୟତା ପାଇଁ ମୋହନଙ୍କ ନିବେଦନ



ଭୁବନେଶ୍ୱର,୦୭/୧୧(ଜେଏନ୍‌ଏସ୍): ରାଜ୍ୟର ବନ୍ୟା ପ୍ରପୀଡ଼ିତ ଜନସାଧାରଣଙ୍କ ସହ ସହାନୁଭୂତି ପ୍ରକଟ କରି ଏକ ବଡ଼ ଓ ସମ୍ବେଦନଶୀଳ ନିଷ୍ପତ୍ତି ନେଇଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଦକ୍ଷିଣ ଓଡ଼ିଶାରେ ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ବ୍ୟାପକ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଚଳିତ ବର୍ଷ ଦୀପାବଳି ଉତ୍ସବ ପାଳନ ନକରିବାକୁ ନିଷ୍ପତ୍ତି ନେଇଛନ୍ତି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ କୌଣସି ପ୍ରକାରର ଆଡ଼ମ୍ବରପୂର୍ଣ୍ଣ ଦୀପାବଳି ଉତ୍ସବର ଆୟୋଜନ କରାଯିବ ନାହିଁ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଆନୁଷ୍ଠାନିକ ବିବୃତ୍ତି ଜାରି କରାଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ, ଦକ୍ଷିଣ ଓଡ଼ିଶାର ଅନେକ ଜିଲ୍ଲା ଏବେ ବନ୍ୟା ବିପତ୍ତି ଦେଇ ଗତି କରୁଥିବାରୁ ଏଭଳି ସମୟରେ ଉତ୍ସବ ପାଳନ କରିବା ସମୀଚୀନ ନୁହେଁ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ଶୁଭେଚ୍ଛୁ, ନେତୃବୃନ୍ଦ ଏବଂ ସାଧାରଣ ନାଗରିକମାନଙ୍କୁ ଦୀପାବଳି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ କୌଣସି ପ୍ରକାରର ଉପହାର କିମ୍ବା ପୁଲତୋଡ଼ା ନଆଣିବା ପାଇଁ ଅନୁରୋଧ କରାଯାଇଛି ।

ମୁ ଖ ୍ୟମ ନ୍ତ ୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଏକ ଭାବପୂର୍ଣ୍ଣ ନିବେଦନ କରିଛନ୍ତି। ବିପର୍ଯ୍ୟୟ ସମୟରେ ପ୍ରଭାବିତ ଅଞ୍ଚଳର ଲୋକଙ୍କ ପ୍ରତି ସମ୍ବେଦନଶୀଳ ରହିବା ସହ ସେମାନଙ୍କ ଦୁଃଖ ସମୟରେ ସହଯୋଗର ହାତ ବଢ଼ାଇବାକୁ ସେ ଆହ୍ୱାନ ଦେଇଛନ୍ତି. ଉତ୍ସବର ଅନାବଶ୍ୟକ ଖର୍ଚ୍ଚକୁ ବଞ୍ଚାଇ ବନ୍ୟା ପ୍ରପୀଡ଼ିତ ଲୋକଙ୍କ ସହାୟତା ଲାଗି ବିନିଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଏହାପୂର୍ବରୁ ମଧ୍ୟ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ସରକାରୀ ପଦାଧିକାରୀ ଓ ବିଭାଗଗୁଡ଼ିକୁ ଦୀପାବଳି କିମ୍ବା ଅନ୍ୟାନ୍ୟ ପର୍ବପର୍ବାଣୀ ସମୟରେ ସରକାରୀ ପାଣ୍ଠିରୁ ଉପହାର କିଣିବା ଉପରେ କଟକଣା ଜାରି କରାଯାଇଛି. ଚଳିତ ବର୍ଷ ବାତ୍ୟା ଓ ବନ୍ୟା ପରିସ୍ଥିତି କାରଣରୁ ମୁଖ୍ୟମନ୍ତ୍ରୀଙ୍କ ଏହି ସ୍ୱତଃପ୍ରବୃତ୍ତ ନିଷ୍ପତ୍ତି ପ୍ରଶାସନିକ ସ୍ତରରେ ଏବଂ ଜନସାଧାରଣଙ୍କ ମଧ୍ୟରେ ବେଶ୍ ପ୍ରଶଂସିତ ହୋଇଛି. ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଜେ ସମୀକ୍ଷା ଜାରି ରଖିଛନ୍ତି।

ସୁରକ୍ଷା ବ୍ୟବସ୍ଥା ଉପରେ ଉଠିଲା ପ୍ରଶ୍ନ

ରକ୍ତ ରଞ୍ଜିତ ରାଜଧାନୀ
୨ ହତ୍ୟାକାଣ୍ଡ



ଭୁବନେଶ୍ୱର,୦୭/୧୧(ଜେଏନ୍‌ଏସ୍): ରାଜଧାନୀ ଭୁବନେଶ୍ୱରରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଗୋଟିଏ ସାଧାରଣ ରାତିରେ ସହରର ଦୁଇଟି ପ୍ରମୁଖ ସ୍ଥାନରେ ଦୁଇ ଦୁଇଟି ଜଘନ୍ୟ ହତ୍ୟାକାଣ୍ଡ ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କର ବାତାବରଣ ଖେଳିଯାଇଛି । କମିଶନରେଟ ପୁଲିସର ନାଇଟ୍ ପାଟ୍ରୋଲିଂ ଏବଂ ସୁରକ୍ଷା ବ୍ୟବସ୍ଥାକୁ ଖୋଲା ଚ୍ୟାଲେଞ୍ଜ କରି ଅପରାଧୀମାନେ ଏହି ହତ୍ୟାକାଣ୍ଡ ଭିଆଇଛନ୍ତି । ପ୍ରଥମ ଘଟଣାଟି ଘଟିଛି ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବମିଖାଲ ଅଞ୍ଚଳରେ। ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତା ଓ ବ୍ୟକ୍ତିଗତ ବିବାଦକୁ କେନ୍ଦ୍ର କରି ଜଣେ ଯୁବକଙ୍କ ଉପରକୁ ଅତି ନିକଟରୁ ଗୁଳିମାଡ଼ କରାଯାଇଛି । ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ଯୁବକଙ୍କ ଛାତି ଓ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି ଚଳାଇବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ରକ୍ତ କୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ମୃତକଙ୍କ ପରିଚୟ ମିଳିସାରିଥିବା ବେଳେ ବ୍ୟବସାୟିକ ଶତ

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ

ଖୋର୍ଦ୍ଧା,୦୭/୧୧(ଜେଏନ୍‌ଏସ୍) : ଖୋର୍ଦ୍ଧା ଜିଲା ପୋଲିସକୁ ମିଳିଛି ବଡ଼ ସଫଳତା । ଦୀର୍ଘ ଦିନ ଧରି ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ସୁନା, ରୁପା ଅଳଙ୍କାର ଦୋକାନ ଓ ଘରକୁ ଟାର୍ଗେଟ କରି ଚୋରି କରୁଥିବା ଏକ ଆନ୍ତଃଜିଲା ଚୋର ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ କରିଛି ପୋଲିସ । ଏହି ଘଟଣାରେ ୧୧ ଜଣ ଅଭିଯୁକ୍ତ ଓ ଚୋରି ସାମଗ୍ରୀ କିଣୁଥିବା ଜଣେ ଗ୍ରାହକଙ୍କୁ ମିଶାଇ ମୋଟ ୧୨ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କଠାରୁ ପ୍ରାୟ ୫୦୦ ଗ୍ରାମ ସୁନା ଅଳଙ୍କାର ଓ ୧୧ କିଲୋଗ୍ରାମ ରୁପା ଅଳଙ୍କାର ଜବତ ହୋଇଛି । ଏହି ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବା ୧୫ଟି ଚୋରି ମାମଲାର ମଧ୍ୟ ପର୍ଦ୍ଦାଫାଶ ହୋଇଛି । ପୋଲିସ ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୨୭ ଓ ୨୮ ତାରିଖ ରାତିରେ ବାଣପୁରସ୍ଥିତ ନିରଞ୍ଜନ ଜ୍ୱେଲର୍ସ ଦୋକାନର ପଛପାଖ ପ୍ରାୟ ୧୦ ଇଞ୍ଚ ମୋଟା କାନ୍ଥ ଭାଙ୍ଗି ଦୁର୍ବୃତ୍ତମାନେ ଦୋକାନ ଭିତରେ ପଶିଥିଲେ । ସେଠାରୁ ନଗଦ ୫ ଲକ୍ଷ ଟଙ୍କା ସହ ପ୍ରାୟ ୪୦୦ ଗ୍ରାମ ସୁନା ଅଳଙ୍କାର ଓ ୧୩ କିଲୋଗ୍ରାମ ରୁପା ସାମଗ୍ରୀ ଚୋରି କରି ଫେରାର ହୋଇଯାଇଥିଲେ । ଏନେଇ ବାଣପୁର ଥାନାରେ ମାମଲା ରୁଜୁ ହୋଇଥିଲା । ଘଟଣାକୁ ଗୁରୁତ୍ୱର ସହ ନେଇ ଖୋର୍ଦ୍ଧା ଏସ୍‌ପି ପରମାର ସ୍ମିତ ପଶୌତମଦାସଙ୍କ ନିର୍ଦ୍ଦେଶକ୍ରମେ ଏବଂ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା । ନାରୁଣୀ ଥାନା ଅଧିକାରୀ ବିଭୂତି ଭୂଷଣ ମହାପାତ୍ର, ଟାଙ୍ଗୀ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୂଜବଳ, ବାଣପୁର ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ଓ ବାଲୁଗାଁ ଥାନା ଅଧିକାରୀ ଶ୍ରଦ୍ଧା ନାୟକଙ୍କ ନେତୃତ୍ୱରେ ଟିମ୍‌ଗୁଡ଼ିକ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ । ଚୋରିର କାର୍ଯ୍ୟଶୈଳୀ ବିଶ୍ଳେଷଣ, ଗୁପ୍ତ ସୂଚନା ସଂଗ୍ରହ ଓ ନିରନ୍ତର ତଦନ୍ତ ପରେ ପୋଲିସ ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନଙ୍କୁ ଧରିବାରେ ସଫଳ ହୋଇଥିଲା । ଗିରଫ ୧୨ ଜଣଙ୍କ ମଧ୍ୟରେ ୧୧ ଜଣ ଚୋରିରେ ସମ୍ପୃକ୍ତ ଅଭିଯୁକ୍ତ ଥିବାବେଳେ ଜଣେ ଚୋରି ସାମଗ୍ରୀ କିଣୁଥିବା ଗ୍ରହୀତା ରହିଛନ୍ତି । ଏହି ଗିରଫଦାରି ଫଳରେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, ନାରୁଣୀ, ବାଣପୁର ଓ ବାଲୁଗାଁ ସମେତ ନୟାଗଡ଼ ଜିଲାର ଚାନ୍ଦପୁର ଥାନା ଅଞ୍ଚଳର ମୋଟ ୧୫ଟି ଚୋରି ମାମଲାର ସମାଧାନ ହୋଇଛି । ପୋଲିସ ପକ୍ଷରୁ ଜବତ ସାମଗ୍ରୀ ମଧ୍ୟରେ ୫୦୦ ଗ୍ରାମ ସୁନା ଅଳଙ୍କାର ଓ ୧୧ କିଲୋଗ୍ରାମ ରୁପା ଅଳଙ୍କାର ରହିଛି । ଦୀର୍ଘ ଦୁଇ ବର୍ଷ ଧରି ଦୁଇଟି ଜିଲ୍ଲାରେ ସକ୍ରିୟ ଥିବା ଏହି ଚୋର ଗ୍ୟାଙ୍ଗ୍‌କୁ ଧରିବା ଖୋର୍ଦ୍ଧା ଜିଲା ପୋଲିସ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଇଛି । ବିଶେଷକରି ବାଲୁଗାଁ ଉପଖଣ୍ଡର ସୁନା ରୁପା ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଏହା ଆଶ୍ୱସ୍ତି ସୃଷ୍ଟି କରିଛି । ତେବେ ଏହି ଗ୍ୟାଙ୍ଗ୍‌ର ଅନ୍ୟ କୌଣସି ଅପରାଧିକ ସମ୍ପୃକ୍ତି ରହିଛି କି ନାହିଁ, ତାହା ଜାଣିବା ପାଇଁ ପୋଲିସର ତଦନ୍ତ ଜାରି ରହିଛି ।

- ୧୨ ଗିରଫ, ୧୫ଟି ଚୋରି ମାମଲାର ପର୍ଦ୍ଦାଫାଶ
- ୫୦୦ ଗ୍ରାମ ସୁନା ଓ ୧୧ କେଜି ରୁପା ଜବତ

ବାତ୍ୟା କ୍ଷୟକ୍ଷତି ଓ ଜନସାଧାରଣଙ୍କ ସମସ୍ୟା ଅନୁଧ୍ୟାନ କଲା ଫରୱାର୍ଡ଼ ବ୍ଲକ ପ୍ରତିନିଧି ମଣ୍ଡଳୀ



ଚିକିଟି, ୭/୧୧ (ଜେଏନ୍‌ଏସ୍) : ଗଞ୍ଜାମ ଜିଲ୍ଲାର ଚିକିଟି,ପାତ୍ରପୁର ବ୍ଲକରେ ବାତ୍ୟା ଅର୍ଣ୍ଣବ ପ୍ରଭାବ ରେ ବ୍ୟାପକ କ୍ଷୟକ୍ଷତି ହୋଇଛି କ୍ଷ ଏହି ପରିପ୍ରେକ୍ଷୀରେ କଳବାଡ଼ ଫଂଚାୟତ ର ଅନେକ ଗ୍ରାମ ସହିତ ସୁନାପୁର ଏବଂ ସୁରଳ ଗ୍ରାମରେ ବାତ୍ୟା ପରବର୍ତ୍ତୀ ପରିସ୍ଥିତି ଏବେ ମଧ୍ୟ ଗମ୍ଭୀର ରହିଛି । ବାତ୍ୟାର ୫ ଦିନ ପରେ ମଧ୍ୟ ଗ୍ରାମର ରାସ୍ତାଘାଟ ଓ ଗାଁ ଦାଣ୍ଡରେ ପାଣି ଜମି ରହିଥିବାରୁ ଜନସାଧାରଣ ନାନା ପ୍ରକାର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏଭଳି ସ୍ଥିତିରେ ପ୍ରଶାସନର ନିଷ୍କ୍ରିୟତା ଓ ଅନୁପସ୍ଥିତିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଏହି ପରିପ୍ରେକ୍ଷୀରେ ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ, ଓଡ଼ିଶା ରାଜ୍ୟ କମିଟିର ସାଧାରଣ ସମ୍ପାଦକ କମ୍ରେଡ୍ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଚିକିଟି ପାତ୍ରପୁର ଅଞ୍ଚଳ ର ଜଳମଗ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ସୁରଳ ଗ୍ରାମରେ ପହଞ୍ଚି ଢୁଙ୍ଗା ସାହିର ସମସ୍ୟା ଦେଖି ଚୁଡା, ବିସ୍କୁଟ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଫରୱାର୍ଡ଼ ବ୍ଲକ ର ରାଜ୍ୟ ନେତା ବେଣୁଧର ହରିଚନ୍ଦନ, ଫରୱାର୍ଡ଼ ବ୍ଲକ ଜିଲ୍ଲା ସଭାପତି ବିଭୂଧେନ୍ଦ୍ର ପାଢ଼ୀ, ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ସାହୁ, ଆଜାଦ ହିନ୍ଦ ବାହିନୀ ର ରାଜ୍ୟ ସଂଯୋଜିକା ରିଙ୍କି ସାହୁ, ବିମଳା ତଲିଆ, ମାଳତୀ ପୂଜାରୀ, ସବିତା ନାୟକ, ପ୍ରମିଳା ଗାଦ୍ୱା, ଜିଲ୍ଲା ସଂଯୋଜିକା ସ୍ମୃତିଶ୍ରୀ ପାଢ଼ୀ ପ୍ରମୁଖ ଙ୍କ ତେତୃତ୍ୱରେ ଏହି ପ୍ରତିନିଧିମଣ୍ଡଳି ଗଞ୍ଜାମ ଜିଲ୍ଲାର ଚିକିଟି ଓ ପାତ୍ରପୁର ବ୍ଲକ ର ବିଭିନ୍ନ ଅଞ୍ଚଳ ଗସ୍ତ କରି ସ୍ଥିତି ଓ କ୍ଷୟକ୍ଷତି ର ଆକଳନ କରିଥିଲେ । ପ୍ରତିନିଧି ମଣ୍ଡଳୀ ବିଭିନ୍ନ ଗ୍ରାମବାସୀଙ୍କ ସହ ଆଲୋଚନା କରି ବାତ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତି, ଜଳ ନିଷ୍କାସନ ସମସ୍ୟା ଏବଂ ବାତ୍ୟା ପରବର୍ତ୍ତୀ ଜନସାଧାରଣଙ୍କ ଦୁର୍ଦ୍ଦଶା ସମ୍ପର୍କରେ ପଚାରି ବୁଝିଥିଲେ । ବାତ୍ୟାର ପାଞ୍ଚ ଦିନ ବିତିଯାଇଥିଲେ ମଧ୍ୟ ସୁରଳ ଗ୍ରାମରେ ଜଳ ନିଷ୍କାସନ ଓ ରିଲିଫ୍ କାର୍ଯ୍ୟରେ ଆଶାନୁରୂପ ପଦକ୍ଷେପ ଦେଖିବାକୁ ମିଳୁନଥିବା ଘଟଣା ଚିନ୍ତାଜନକ । ଏହା ଗ୍ରାମବାସୀଙ୍କ ଜୀବନଯାପନକୁ ଅଧିକ ଦୁର୍ବିଶୟ କରିଛି ବୋଲି ଅନୁସନ୍ଧାନ ରୁ ସ୍ପଷ୍ଟ ହୋଇଛି । ଏହି ଅବସ୍ଥାରେ ପ୍ରଶାସନ ତୁରନ୍ତ ସୁରଳ ଗ୍ରାମ ସମେତ କ୍ଷତିଗସ୍ତ ଅନ୍ୟାନ୍ୟ ଗ୍ରାମରେ ପହଞ୍ଚି ଜଳ ନିଷ୍କାସନ, କ୍ଷୟକ୍ଷତିର ଆକଳନ ଏବଂ ପ୍ରଭାବିତ ଜନସାଧାରଣଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବା ପାଇଁ ଫରୱାର୍ଡ଼ ବ୍ଲକ ପକ୍ଷରୁ ଦାବି କରାଯାଇଛି । ସାଧାରଣ ଜନତାଙ୍କ ଦୁର୍ଦ୍ଦଶା ଦୂର କରିବା ପାଇଁ ତୁରନ୍ତ ପ୍ରଶାସନିକ ହସ୍ତକ୍ଷେପ ପାଇଁ ଫରୱାର୍ଡ଼ ବ୍ଲକ ପକ୍ଷରୁ ଦାବୀ କରାଯାଇଛି କ୍ଷ ଏ ସଂକ୍ରାନ୍ତରେ ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ପକ୍ଷରୁ ଖୁବ ଶୀଘ୍ର ଗଞ୍ଜାମ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ପତ୍ର ପ୍ରଦାନ କରାଯିବ ବୋଲି ଫରୱାର୍ଡ଼ ଜିଲ୍ଲା ସଭାପତି ବିଭୂଧେନ୍ଦ୍ର ପାଢ଼ୀ ପ୍ରକାଶ କରିଛନ୍ତି ।

ନିମାପଡ଼ାର ବିଭିନ୍ନ ଧାର୍ମିକ ପୀଠର ସୌନ୍ଦର୍ଯ୍ୟକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ନିମାପଡ଼ା, ୭/୧୧ (ଜେଏନ୍‌ଏସ୍) : ପର୍ଯ୍ୟଟନ ବିଭାଗ ପକ୍ଷରୁ ନିମାପଡ଼ା ବ୍ଲକର ତିନୋଟି ପ୍ରସିଦ୍ଧ ଠାକୁରାଣୀ ପୀଠର ସୌନ୍ଦର୍ଯ୍ୟ କରଣ ପାଇଁ ଏକ କୋଟି ୮୦ ଲକ୍ଷ ଟଙ୍କା ଅନୁଦାନ ଆସିଛି । ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ ଠାକୁରାଣୀ ପୀଠ ଦେବାଳୟ ଏବଂ ମହାପୁରୁଷ ବଳରାମ ପୀଠର ବିକାଶ କରି ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବାପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଉଦ୍ୟମକୁ ବୁଦ୍ଧିଜୀବି ମହଲରେ ପ୍ରଶଂସା କରାଯାଇଛି । ଦେବାଦେବୀ ପୀଠର ସୌନ୍ଦର୍ଯ୍ୟ କରଣ ପ୍ରକଳ୍ପର ଗୁତ୍ତିକର ପର୍ଯ୍ୟଟନ ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ନିମାପଡ଼ା ପର୍ଯ୍ୟଟନ କ୍ଷେତ୍ରରେ ଦ୍ରୁତ ବିକାଶ କରିବାପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ରାଜ୍ୟ ସରକାରଙ୍କ ଠାରୁ ଅର୍ଥ ଆଣିବାରେ ସଫଳ ହୋଇଛନ୍ତି । ନିମାପଡ଼ା ନିର୍ବାଚନମଣ୍ଡଳୀ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବି ହେ।ବ, ସେଥିପାଇଁ ପର୍ଯ୍ୟଟନ ବିଭାଗୀୟ ମନ୍ତ୍ରୀ ହୋଇଥିବାରୁ ଅହରହ ଉଦ୍ୟମ ଚଳାଇଛନ୍ତି । ଭବିଷ୍ୟତ ଯୁବପିଢିଏହାର ସୁଯୋଗ ର ଲାଭ ପାଇବେ ଏବଂ ପର୍ଯ୍ୟଟନ କ୍ଷେତ୍ରର ବିକଶ ହୋଇପାରିଲେ ପର୍ଯ୍ୟଟକମାନେ ଆକୃଷ୍ଟ ହୋଇ ସେହି ସ୍ଥାନକୁ ଆସିବେ। ସ୍ଥାନୀୟ ଯୁବକ ଓ ମହିଳା ଗୋଷ୍ଠୀମାନେ ରୋଜଗାର ସୁଯୋଗ ପାଇବେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ବ୍ଲକର ହରିପୁର ପଞ୍ଚାୟତ ଅନ୍ତର୍ଗତ ହରିପୁର ନିକଟ ଭାର୍ଗବୀ ନଦୀ ପଠାରେ ଥିବା ବମା ବିଶ୍ୱେଶ୍ୱରୀ ଠାକୁରାଣୀ ପୀଠର ବିକାଶ ପାଇଁ ୩୦ ଲକ୍ଷ ଟଙ୍କା ଅନୁଦାନ ମିଳିଛି । ଏହି ଅର୍ଥରେ ଏକ କମ୍ୟୁନିଟ ହଲ , ଶୌଚାଳୟ ଶୀତଳ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହେବ। ସାଇଁଶ ଶାସନ ଅନ୍ତର୍ଗତ ଭଗବତୀପୁର ଗ୍ରାମର ଅରଧଦେବୀ ମାଭଗବତୀ ବିକାଶ ପାଇଁ ୫୦ଲକ୍ଷ ଟଙ୍କା ଓ ଗଡ଼ପଦନପୁର ପଞ୍ଚାୟତର ଦେଉଳି ଗ୍ରାମର ଉଗ୍ରେସନ ମହାଦେବ ମନ୍ଦିର ଓ ପୀଠର ବିକାଶ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ କରିବାପାଇଁ କୋଟିଏ ଟଙ୍କା ଅନୁଦାନଦେଇଛନ୍ତି । ଏହି ଠାକୁରାଣୀ ଓ ଦେବାଳୟ ପୀଠର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ୧.୮୦ ଲକ୍ଷ ଟଙ୍କା ର ପ୍ରକଳ୍ପଗୁଡ଼ିକ ପାଇଁ ଅନୁମୋଦନ ମିଳିଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପର୍ଯ୍ୟଟନ ବିଭାଗ ର ଅଧୀକ୍ଷର ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଦୁଇଟି ଠାକୁରାଣୀ ପୀଠ ଏବଂ ଗୋଟିଏ ଦେବାଳୟ ପାଇଁ ସ୍ଥାନରେ ପୀଠର ସୌନ୍ଦର୍ଯ୍ୟ କରଣ ପାଇଁ ୧କୋଟି ୮୦ ଲକ୍ଷ ଅନୁଦାନ ମିଳିଛି । ପ୍ରକଳ୍ପ ଗୁତ୍ତିକର ଟେଣ୍ଡର ସରିଛି ଖୁବଶିଘ୍ର କାର୍ଯ୍ୟଆରମ୍ଭ ହେବ।

ଉପଖଣ୍ଡ ଚିକିତ୍ସାଳୟ ସମସ୍ୟାର ସମାଧାନ ଦାବୀ

ନୀଳଗିରି, ୭/୧୧ (ଜେଏନ୍‌ଏସ୍) : ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ବିଭିନ୍ନ ସମସ୍ୟାର ଆଶୁ ସମାଧାନ କରାନଗଲେ ଆନ୍ଦୋଳନକୁ ଉହ୍ଲାଇବ ନୀଳଗିରି ଉପଖଣ୍ଡ ରକ୍ତଦାତା ସଂଘ। ଆଜି ନୀଳଗିରି ଉପଜିଲ୍ଲାପାଳ ଏବଂ ନୀଳଗିରି ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନକରି ଅକାମୀ ହୋଇପଡିଥିବା ଅତ୍ୟାବଶ୍ୟକୀୟ ଡିଜିଟାଲ ଏକ୍ସରେ ମେଶିନର ଅବିଳମ୍ବେ ମରାମତି,ବିକଳ୍ପ ଏକ୍ସରେ ମେଶିନ ଉପଲବ୍ଧ କାରାଇବା, ଅଲଟ୍ରା ସାଉଣ୍ଡ ବ୍ୟବସ୍ଥା ଅନ୍ୟ ରୋଗାଂକ ପାଇଁ ଉପଲବ୍ଧ କରିବା,ନିଦାନ ପରୀକ୍ଷାକୁ ନିୟମିତ ଓ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରିତ କରିବା,ଚକ୍ଷୁ ପରୀକ୍ଷା ଓ ଅସ୍ତ୍ରୋପଚାର ଆରମ୍ଭ ହେବା,ରକ୍ତ ଭଣ୍ଡାର ସମସ୍ୟାର ସମାଧାନ,ଶୂନ୍ୟ ପଡିଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ ପାଇଁ ଦାବୀ କରାଯାଇଛି । ସଂଘର ସାଧାରଣ ସଂପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ବରିଷ୍ଠ ଉପଦେଷ୍ଟା ରବି ରାଉତ,ଉପ ସଭାପତି ପ୍ରଦୀପ ମିଶ୍ର,ଅନାଦି ବେହେରା,ହେମେନ୍ଦ୍ର ସେଠା ପ୍ରମୁଖ ସହକାରୀ ଜିଲ୍ଲାପାଳ ସଂଜନ ସେନାପତି, ଉପ ଖଣ୍ଡ ଚିକିତ୍ସାଧିକାରୀ ଡା. ସରୋଜିନୀ ପ୍ରଧାନ,ଡା. ସତ୍ୟନାରାୟଣ ନାୟକଙ୍କୁ ସ୍ମାରକପତ୍ର ପ୍ରଦାନକରି ଆଲୋଚନା କରିଛନ୍ତି ।

ଆନ୍ଧ୍ର ଛୁଇଁଲା 'ମୁରାସୁ'

ଆଉ ଏକ ବିପର୍ଯ୍ୟୟ ଆଶଙ୍କାରେ ଚାଷୀ

ଖୋର୍ଦ୍ଧା, ୦୭/୧୧(ଜେଏନ୍‌ଏସ୍) : ଆନ୍ଧ୍ରରେ ସ୍ଥଳଭାଗ ଛୁଇଁଲା ସାମୁଦ୍ରିକ ଝଡ଼ 'ମୁରାସୁ' ଗତ ୨୮ ତାରିଖରେ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଦୁଇଦିନ ବର୍ଷା ଓ ପବନ ଲାଗିରହିବା ଯୋଗୁଁ ଖୋର୍ଦ୍ଧା ଜିଲ୍ଲାର ନିରାକାରପୁର ତଥା ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ଭାବେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିଲା । ଏହି କ୍ଷତିରୁ ଚାଷୀକୁଳ ଏଯାଏଁ ମୁକୁଳି ପାରିନଥିବା ବେଳେ ପୁଣି ଏକ ବାତ୍ୟା ଚାଷୀଙ୍କ ଚିନ୍ତା ବଢ଼ାଇଛି । ପ୍ରକୃତି ଦାଉରୁ ଚାଷୀକୂଳ ମୁକୁଳି ପାରୁନାହାନ୍ତି । କେତେବେଳେ ଅନାବୃଷ୍ଟି ତ ଆଉ କେତେବେଳେ ଅତିବୃଷ୍ଟି,ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ଜୀବନ ଓ ଜୀବିକାକୁ ଦୋହଲାଇ ଦେଉଛି । ବର୍ଷସାରା ଅକ୍ଲାନ୍ତ ପରିଶ୍ରମ କରି ଫସଲ ଅମଳ ସ୍ୱପ୍ନ ଦେଖୁଥିବା ଚାଷୀଙ୍କ ପାଇଁ ପ୍ରକୃତିର ଏଭଳି ଦାଉ ଏବେ ଚିନ୍ତାର କାରଣ ହୋଇଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ବଙ୍ଗୋପସାଗରର ଦକ୍ଷିଣ-ପଶ୍ଚିମ ଓ ସଂଲଗ୍ନ ଦକ୍ଷିଣ-ପୂର୍ବ ଅଞ୍ଚଳରେ ସୃଷ୍ଟ ଲଘୁଚାପ ମୁରାସୁ ଗଭୀର ଅବପାତ ସହ ଅଧିକ ଘନୀଭୂତ ହୋଇ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିମି ଏବଂ ଝଟକା ପବନର ବେଗ ୧୨୦ କିମି ପର୍ଯ୍ୟନ୍ତ ବହିବାର ଆକଳନ କରାଯାଇଛି । ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ରବିବାର ମଧ୍ୟରାତ୍ରରୁ ନିରାକାରପୁର ଅଞ୍ଚଳରେ ଝିପିଝିପି ବର୍ଷା ଲାଗିରହିଛି । ୩ ଓ ୪ ତାରିଖରେ ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି । ଯଦି ବର୍ଷା ସହିତ ପବନ ହୁଏ ଧାନ ଚାଷ ବହୁ ମାତ୍ରାରେ କ୍ଷତି ହେବ । ପୂର୍ବ ବାତ୍ୟାରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବାରୁ ଚାଷୀ ଏବେ ଆଉ ଏକ ବିପର୍ଯ୍ୟୟ ଆଶଙ୍କାରେ ଚିନ୍ତିତ ଅଛନ୍ତି। ଏବେ ଅମଳ ସମୟ ପାଖେଇ ଆସିବାରୁ ପୁଣି ବର୍ଷା ଓ ପବନ ହେଲେ ଧାନ ଫସଲ ନଷ୍ଟ ହେବା ସହ ଚାଷୀଙ୍କ ଆର୍ଥିକ ସ୍ଥିତି ଦୋହଲିଯିବାର ଆଶଙ୍କା ରହିଛି । ଧାନ ଆହାର ଢୋକିବାର ସମୟ ହୋଇଥିବାରୁ ଏହି ସମୟରେ ବର୍ଷା କିମ୍ବା ପବନ ହେଲେ ଅଗାଡି ଯିବାର ମଧ୍ୟ ଆଶଙ୍କା ରହିଛି । ପବନ ବହିବା ଦ୍ୱାରା ଧାନଗଛଗୁଡିକ ତଳେ ପଡିଗଲେ କଥା ସରିଲା । ଧାନ ଯାହା ତ କ୍ଷତି ହେବ ଅମଳ ସମୟରେ ଧାନର ଗୁଣବତ୍ତା ଠିକ୍ ରହିବ ନାହିଁ । ଚଳିତ ବର୍ଷ ଖରିପ୍ ଋତୁରେ ଚାଷ କାର୍ଯ୍ୟ କରି ଚାଷୀ ନାକେଦମ୍ ହୋଇଗଲେଣି । ପ୍ରଥମରୁ ଧାନ ତଳିର ଅଭାବ ହେତୁ ବହୁ କଷ୍ଟରେ ଚାଷୀ ଦୂରଦୂରନ୍ତରୁ ତଳି ଆଣି ଧାନ ରୋଇଥିଲେ। ଧାନ ଫସଲ ଭଲ ହୋଇଥିଲା । ଏହାକୁ ଅମଳ କରି ଚାଷୀ ବର୍ଷକ ଖାଦ୍ୟକୁ ରଖି ଅବଶିଷ୍ଟ ବିକ୍ରୟ କରି ମହାଜନ ଋଣ ସୁଝିବା ସହିତ ଗୁଜୁରାଣ ମେଣ୍ଟାଇଥାନ୍ତେ। କିନ୍ତୁ ଲଘୁଚାପ ଜନିତ ବାତ୍ୟା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି । ତେଣୁ ଚାଷୀଙ୍କ ଦୁଃଖ ଓ ଦୁର୍ଦ୍ଦଶାକୁ ଗୁରୁତ୍ୱ ଦେଇ ସରକାର ଚାଷୀଙ୍କୁ ସମୟୋଚିତ ସତର୍କ ସୂଚନା ଓ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

ଗଞ୍ଜେଇ ଚୋରା ଚାଲାଣ ଉପରେ ଭଞ୍ଜପୁର ପୋଲିସର ଚଢ଼ାଉ



ବାରିପଦା, ୦୭/୧୧ (ଦୀନକୃଷ୍ଣ ପାତ୍ର) : ମୟୁରଭଞ୍ଜ ଜିଲ୍ଲାରେ ନିଶା ଦ୍ରବ୍ୟ ଚୋରା ଚାଲାଣ ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ, ଚୋରା ଗଞ୍ଜେଇ ଚାଲାଣ ରୋକିବା ଦିଗରେ ବାରିପଦା ଭଞ୍ଜପୁର ଥାନା ପୋଲିସକୁ ଏକ ବଡ଼ ଧରଣର ସଫଳତା ମିଳିଛି । ଲକ୍ଷ୍ମୀପୋଷି ଫାଣ୍ଡି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ସୁବର୍ଷରେଖା କେନାଲ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ବେଆଇନ ଗଞ୍ଜେଇ ଚାଲାଣ କାର ଉପରେ ଚଢ଼ାଉ କରି ପୋଲିସ ୩ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଏଥିସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଗଞ୍ଜେଇ, ୩ଇ, ନଗଦ ଟଙ୍କା ଏବଂ ଚାଲାଣରେ ବ୍ୟବହୃତ ଏକ ଦାମୀ କାର ଜବତ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଲକ୍ଷ୍ମୀପୋଷି ସ୍ଥିତ କେନ୍ଦ୍ରିୟ ବିଦ୍ୟାଳୟ ନିକଟ ଦେଇ ଏକ କାରରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଚାଲାଣ ହେଉଥିବା ନେଇ ଭଞ୍ଜପୁର ପୋଲିସକୁ କୌଣସି ସୂତ୍ରରୁ ଗୁଇନ୍ଦା ସୂଚନା ମିଳିଥିଲା । ଖବର ପାଇ ପୋଲିସ ଟି



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ଫୌଜରେ ବଢ଼ିଲା ଅଗ୍ନିବୀରଙ୍କ କାର୍ଯ୍ୟକାଳ

- ୨ ବର୍ଷ ବୃଦ୍ଧି କଲେ କେନ୍ଦ୍ର ସରକାର
- ସେନାରେ ଏବେ ୪ ବଦଳରେ ୬ ବର୍ଷ ସେବା
- କ୍ୟାବିନେଟ୍ ବୈଠକରେ ଲାଗିଲା ମୋହର
- ସେବା ନିବୃତ୍ତ ପରେ ମିଳିବ ଅଧିକ ସୁବିଧା





ନୂଆଦିଲ୍ଲୀ,୦୭/୧୧ : ଦେଶର ପ୍ରତିରକ୍ଷା ବ୍ୟବସ୍ଥା ଏବଂ ସେନା ବାହିନୀରେ ସଂସ୍କାର ଆଣିବା ଦିଗରେ କେନ୍ଦ୍ର ସରକାର ଏକ ବଡ଼ ଓ ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି। 'ଅଗ୍ନିପଥ' ଯୋଜନା ଅଧୀନରେ ନିଯୁକ୍ତି ପାଉଥିବା ଅଗ୍ନିବୀରଙ୍କ କାର୍ଯ୍ୟକାଳକୁ ଆଉ ୨ ବର୍ଷ ବୃଦ୍ଧି କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ନୂତନ ନିଷ୍ପତ୍ତି ଅନୁଯାୟୀ, ଅଗ୍ନିବୀରମାନେ ଏବେ ୪ ବର୍ଷ ବଦଳରେ ମୋଟ ୬ ବର୍ଷ ପର୍ଯ୍ୟନ୍ତ ସେନା ବାହିନୀରେ ନିଜର ସେବା ପ୍ରଦାନ କରିପାରିବେ।

ସରକାରଙ୍କ ଏହି ନିଷ୍ପତ୍ତି ପରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଏବଂ ସେନା ଅଧିକାରୀମାନେ ଏହାକୁ ସ୍ୱାଗତ କରିଛନ୍ତି। କାର୍ଯ୍ୟକାଳ ବୃଦ୍ଧି ହେବା ଫଳରେ ସେନା ବାହିନୀରେ ଯୁବ ସୈନିକମାନଙ୍କ ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତା ଆହୁରି ଉନ୍ନତ ହେବ। ଏହା ସହିତ ଅଗ୍ନିବୀରମାନେ ଅତ୍ୟାଧୁନିକ ଯୁଦ୍ଧ କୌଶଳ ଏବଂ ସାମରିକ ପ୍ରଶିକ୍ଷଣ ପାଇଁ ଅଧିକ ସମୟ ପାଇପାରିବେ, ଯାହା ଭାରତୀୟ ସେନାକୁ ସୀମା ସୁରକ୍ଷା କ୍ଷେତ୍ରରେ ଆହୁରି ଶକ୍ତିଶାଳୀ କରିବ।

'ଅଗ୍ନିପଥ' ଯୋଜନା ଆରମ୍ଭ ହେବା ସମୟରେ ଏହାର କାର୍ଯ୍ୟକାଳକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ଯୁବପିଢ଼ିଙ୍କ ମଧ୍ୟରେ କିଛି ମାତ୍ରାରେ ଅସନ୍ତୋଷ ପ୍ରକାଶ ପାଇଥିଲା। ୪ ବର୍ଷର କାର୍ଯ୍ୟକାଳ ଅତି କମ୍ ବୋଲି ଅନେକ ମତ ପ୍ରକାଶ କରିଥିଲେ। ମାତ୍ର ସରକାରଙ୍କ ଏହି ୨ ବର୍ଷର କାର୍ଯ୍ୟକାଳ ବୃଦ୍ଧି ନିଷ୍ପତ୍ତି ପରେ ଦେଶର ପ୍ରତିରକ୍ଷା ବାହିନୀରେ ଯୋଗଦେବାକୁ ପ୍ରସ୍ତୁତ ହେଉଥିବା ଲକ୍ଷ ଲକ୍ଷ ଯୁବ ଆଶାୟୀଙ୍କ ମଧ୍ୟରେ ଏବେ ଖୁସି ଓ ଉତ୍ସାହର ଲହରୀ ଖେଳିଯାଇଛି।

୬ ବର୍ଷର ସେବା ଶେଷ କରିବା ପରେ ଯେଉଁ ଅଗ୍ନିବୀରମାନେ ନିୟମିତ ସେନାରେ ସ୍ଥାୟୀ ହୋଇପାରିବେ ନାହିଁ, ସେମାନଙ୍କ ପାଇଁ ମଧ୍ୟ ଆର୍ଥିକ ଓ ନିଯୁକ୍ତି ସୁବିଧା ବୃଦ୍ଧି କରାଯିବ। ସେବାନିବୃତ୍ତ ସମୟରେ ମିଳୁଥିବା 'ସେବା ନିଧି' ପ୍ୟାକେଜ୍‌ର ପରିମାଣ ବଢ଼ିବା ସହ ବିଭିନ୍ନ ରାଜ୍ୟ ସରକାର ଓ କେନ୍ଦ୍ରୀୟ ସୁରକ୍ଷା ବଳ ଚାକିରିରେ ସେମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ଆହୁରି ସହଜ କରାଯିବ ବୋଲି ସୂଚନା ମିଳିଛି।

ଭାରତର ପ୍ରଥମ ଘରୋଇ ମହାକାଶ ସୁରକ୍ଷା କେନ୍ଦ୍ର ପ୍ରତିଷ୍ଠିତ

ହାଇଦ୍ରାବାଦ, ୦୭/୧୧:ଭାରତୀୟ ମହାକାଶ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦଠାରେ ଭାରତର ପ୍ରଥମ ଘରୋଇ 'ସ୍ପେସ୍ ଡେବ୍ରିସ୍ ରିମୁଭାଲ୍' (ମହାକାଶ ଆବର୍ଜନା ହଟାଇବା ଓ ସୁରକ୍ଷା) କେନ୍ଦ୍ରର ସଫଳ ଶୁଭାରମ୍ଭ ହୋଇଯାଇଛି। ଏହି କେନ୍ଦ୍ର ମହାକାଶରେ ବୁଲୁଥିବା ନିଷ୍କ୍ରିୟ ଉପଗ୍ରହ, ରକେଟ୍‌ର ଭଙ୍ଗା ଅଂଶ ଏବଂ ଅନ୍ୟାନ୍ୟ ବିପଜ୍ଜନକ ବର୍ଜ୍ୟବସ୍ତୁ ଉପରେ ତୀକ୍ଷ୍ଣ ନଜର ରଖିବା ସହ ସେଗୁଡ଼ିକୁ ହଟାଇବାରେ ସାହାଯ୍ୟ କରିବ। ଏହା ମହାକାଶରେ ଭାରତୀୟ ସାଟେଲାଇଟ୍ ଗୁଡ଼ିକୁ ସୁରକ୍ଷିତ ରଖିବା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ବର୍ତ୍ତମାନ ସମୟରେ ପୃଥିବୀର ନିମ୍ନ କକ୍ଷପଥରେ ହଜାର ହଜାର ସଂଖ୍ୟାରେ ନିଷ୍କ୍ରିୟ ସାଟେଲାଇଟ୍ ଓ ସେଗୁଡ଼ିକର ଭଗ୍ନାବଶେଷ ଘଣ୍ଟା ପ୍ରତି ହଜାର ହଜାର କିଲୋମିଟର ବେଗରେ ଖୁବ୍ ଦ୍ରୁତ ଗତିରେ ଘୂରି ବୁଲୁଛନ୍ତି। ଏହି ଆବର୍ଜନାଗୁଡ଼ିକ କାର୍ଯ୍ୟକ୍ଷମ ଥିବା ନୂତନ ସାଟେଲାଇଟ୍ କିମ୍ବା ମହାକାଶ ଷ୍ଟେସନ ସହ ଧକ୍କା ହେବାର ଆଶଙ୍କା ସବୁବେଳେ ରହିଥାଏ।

ଚାନ୍ଦିପୁରରୁ 'ପ୍ରଳୟ' ମିସାଇଲର ସଫଳ ପରୀକ୍ଷଣ



ବାଲେଶ୍ୱର/ଭୁବନେଶ୍ୱର, ୦୭/୧୧ (ଜେଏନ୍‌ଏସ୍): ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଆଜି ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ଓଡ଼ିଶା ଉପକୂଳ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ୍ ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ୱାସି-ବାଲିଷ୍ଟିକ ମିସାଇଲ 'ପ୍ରଳୟ'ର ସଫଳ ପରୀକ୍ଷଣ କରାଯାଇଛି। ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ ଦ୍ୱାରା ବିକଶିତ ଏହି କ୍ଷେପଣାସ୍ତ୍ର ନିଜର ନିର୍ଦ୍ଧାରିତ ଲକ୍ଷ୍ୟକୁ ସଠିକ୍ ଭାବେ ଭେଦ କରିବାରେ ସମ୍ପୂର୍ଣ୍ଣ ସଫଳ ହୋଇଛି। ଏହି ଗୁରୁତ୍ୱପୂର୍ଣ୍ଣ ସାମରିକ ପରୀକ୍ଷଣକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ କଡ଼ାକଡ଼ି କରାଯାଇଥିଲା। ଲଞ୍ଚପ୍ୟାଡ୍‌ରୁ ପ୍ରାୟ ୨.୫ କିଲୋମିଟର ପରିଧି ମଧ୍ୟରେ ଥିବା ପ୍ରାୟ ୨,୫୦୦ରୁ ଅଧିକ ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷା ଦୃଷ୍ଟିରୁ ସାମୟିକ ଭାବେ ନିକଟସ୍ଥ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ପରୀକ୍ଷଣ ସଫଳତାପୂର୍ବକ ଶେଷ ହେବା ପରେ ସେମାନଙ୍କୁ ପୁଣି ନିଜ ନିଜ ଘରକୁ ଫେରିବାକୁ ଅନୁମତି ଦିଆଯାଇଛି। ଏହି ମିସାଇଲ୍ ୧୫୦ରୁ ୫୦୦ କିଲୋମିଟର ଦୂରତାରେ ଥିବା ଶତ୍ରୁର ଯେକୌଣସି ଶିବିର ବା ବଙ୍କରକୁ ସମ୍ପୂର୍ଣ୍ଣ ଧ୍ୱଂସ କରିପାରିବ। ଏହା ଏକ କ୍ୱାସି-ବାଲିଷ୍ଟିକ ମିସାଇଲ୍, ଯାହା ଆକାଶ ମାର୍ଗରେ ଗତିପଥ ବଦଳାଇ ଶତ୍ରୁପକ୍ଷର ଇଣ୍ଟରସେପ୍ଟର ମିସାଇଲ୍ ଆଟାକକୁ ସହଜରେ ଏଡ଼ାଇ ଯାଇପାରେ। ଏହା ୫୦୦ରୁ ୧୦୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନର ପାରମ୍ପରିକ ଯୁଦ୍ଧାସ୍ତ୍ର ବହନ କରିବାରେ ସକ୍ଷମ। ଏହି ସଫଳ ପରୀକ୍ଷଣ ପରେ ଭାରତୀୟ ପ୍ରତିରକ୍ଷା ବାହିନୀ ବିଶେଷ କରି ସୀମାନ୍ତ ଅଞ୍ଚଳରେ ଚୀନ୍ ଏବଂ ପାକିସ୍ତାନ ଭଳି ପ୍ରତିଦ୍ୱନ୍ଦ୍ୱୀଙ୍କ ମୁକାବିଲା ପାଇଁ ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇପାରିଛି ବୋଲି ସାମରିକ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

- ଶତ୍ରୁ ଶିବିରକୁ ଧ୍ୱଂସ କରିବାରେ ଭାରତ ପାଇଲା ବଡ଼ ସଫଳତା
- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ୱାସି-ବାଲିଷ୍ଟିକ ମିସାଇଲର ଶକ୍ତି ଦେଖିଲା ବିଶ୍ୱ
- ସୁରକ୍ଷା ପାଇଁ ସ୍ଥାନାନ୍ତର ହୋଇଥିଲେ ୨୫୦୦ ବାସିନ୍ଦା

ନଭେମ୍ବର ୨୨ରୁ ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କ ଭାରତ ଗସ୍ତ : ପ୍ରସ୍ତୁତି ଚୂଡ଼ାନ୍ତ



କାଠମାଣ୍ଡୁ/ନୂଆଦିଲ୍ଲୀ,୦୭/୧୧ : ଭାରତ ଏବଂ ନେପାଳ ମଧ୍ୟରେ ଥିବା ପାରମ୍ପରିକ ଓ ସାଂସ୍କୃତିକ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ଏକ ବଡ଼ ଦ୍ୱିପାକ୍ଷିକ ପଦକ୍ଷେପ ନିଆଯାଇଛି। ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ (ବାଲେନ ଶାହ) ଆସନ୍ତା ନଭେମ୍ବର ୨୨ ତାରିଖରୁ ତାଙ୍କର ପ୍ରଥମ ତିନିଦିନିଆ ସରକାରୀ ଭାରତ ଗସ୍ତରେ ଆସୁଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ମାସରେ କ୍ଷମତା ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ଶାହଙ୍କର ଏହା ପ୍ରଥମ ବିଦେଶୀ ଦ୍ୱିପାକ୍ଷିକ ଗସ୍ତ ହେବ। ଏହି ହାଇ-ପ୍ରୋଫାଇଲ୍ ଗସ୍ତ ପାଇଁ ନୂଆଦିଲ୍ଲୀ ଓ କାଠମାଣ୍ଡୁ ମଧ୍ୟରେ କୂଟନୈତିକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ଏହି ପ୍ରସ୍ତାବିତ ଗସ୍ତର ଏଜେଣ୍ଡା ଏବଂ ରୂପରେଖ ଚୂଡ଼ାନ୍ତ କରିବା ପାଇଁ ଭାରତର ବିଦେଶ ସଚିବ ବିକ୍ରମ ମିଶ୍ରୀ ନଭେମ୍ବର ୪ ଏବଂ ୫ ତାରିଖରେ ଦୁଇଦିନିଆ ନେପାଳ ଗସ୍ତରେ ଯାଇଥିଲେ। ଗୁରୁବାର କାଠମାଣ୍ଡୁଠାରେ ସେ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କୁ ସାକ୍ଷାତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପକ୍ଷରୁ ଭାରତ ଆସିବାକୁ ଆନୁଷ୍ଠାନିକ ନିମନ୍ତ୍ରଣ ପତ୍ର ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ନେପାଳ ପ୍ରଧାନମନ୍ତ୍ରୀ ଏକ "ଫଳାଫଳ-ଭିତ୍ତିକ" ଗସ୍ତ ପାଇଁ ସକାରାତ୍ମକ ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ବିଶେଷ କରି ଅଗଷ୍ଟ ମାସରେ ନେପାଳରେ ହୋଇଥିବା ଭୟାବହ ରସୁଆ-ଭୋଟକୋଶୀ ବନ୍ୟା ସମୟରେ ଭାରତ ସବୁଠାରୁ ପ୍ରଥମେ ସାହାଯ୍ୟର ହାତ ବଢ଼ାଇ ତୁରନ୍ତ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ କରିଥିବାରୁ ପ୍ରଧାନମନ୍ତ୍ରୀ ଶାହ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ତିନିଦିନିଆ ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ। ଏହାର ମୁଖ୍ୟ ବିଷୟଗୁଡ଼ିକ ହେଲା ମାତା ସୀତାଙ୍କ ଜନ୍ମସ୍ଥଳୀ ନେପାଳର ଜନକପୁରଧାମ ଏବଂ ଭାରତର ପବିତ୍ର ଅଯୋଧ୍ୟା ନଗରୀକୁ ସଂଯୋଗ କରୁଥିବା ଏକ ସ୍ୱେଶାଲ ଟ୍ରେନ ସେବାର ମିଳିତ ଶୁଭାରମ୍ଭ ଉଭୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହୋଇପାରେ, ଯାହାର ସଫଳ ପରୀକ୍ଷଣ ନିକଟରେ ଶେଷ ହୋଇଛି। ଲୋୟର ଅରୁଣ ହାଇଡ୍ରୋପାୱାର ପ୍ରକଳ୍ପ ଏବଂ ଶିଲିଗୁଡ଼ି-ଝାପା ପେଟ୍ରୋଲିୟମ ପାଇପଲାଇନ କାର୍ଯ୍ୟକୁ ଆଗକୁ ବଢ଼ାଇବା। ଲିପୁଲେଖ, କାଲାପାନୀ ଏବଂ ଲିମ୍ପିୟାଧୁରା ଅଞ୍ଚଳକୁ ନେଇ ରହିଥିବା ସୀମା ସମସ୍ୟାର ଦ୍ୱିପାକ୍ଷିକ ସମାଧାନ ପାଇଁ ନେପାଳ ପକ୍ଷରୁ ଆଲୋଚନା କରାଯିବ। ଏହା ବ୍ୟତୀତ ଡିଜିଟାଲ କନେକ୍ଟିଭିଟି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ବାଣିଜ୍ୟ ଏବଂ ନେପାଳରେ କ୍ରୀଡ଼ାର ବିକାଶ ପାଇଁ ନୂତନ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି। ଏହି ଗସ୍ତ ଭାରତ ଓ ନେପାଳର ପାରସ୍ପରିକ ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ ବୋଲି ଆଶା କରାଯାଉଛି।

ଆୟୋଧ୍ୟା-ଜନକପୁରଧାମ ସ୍ୱେଶାଲ ଟ୍ରେନର ହୋଇପାରେ ମିଳିତ ଶୁଭାରମ୍ଭ

ଦିଲ୍ଲୀରେ ୩ ମହଲା କୋଠା ଭୁଶୁଡ଼ି ଅନେକ ଆହତ

ନୂଆଦିଲ୍ଲୀ, ୦୭/୧୧ : ଦିଲ୍ଲୀର ଜନଗହଳିପୂର୍ଣ୍ଣ ଚାଓଡ଼ି ବଜାର ଅଞ୍ଚଳରେ ଏକ ବଡ଼ ଅଘଟଣ ଘଟିଛି। ଏଠାରେ ଏକ ନିର୍ମାଣାଧୀନ ୩ ମହଲା କୋଠା ହଠାତ୍ ଭୁଶୁଡ଼ି ପଡ଼ିଛି। ଏହି ଦୁର୍ଘଟଣାରେ ଅନେକ ଶ୍ରମିକ ଧ୍ୱଂସାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଏନଡିଆରଏଫ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ସ୍ଥାନୀୟ ମାଲବ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କୋଠାଟି କେଉଁ କାରଣରୁ ଭୁଶୁଡ଼ିଲା, ସେ ନେଇ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

କତାର ଜରିଆରେ ଆମେରିକାକୁ ଇରାନର ପରମାଣୁ ପ୍ରସ୍ତାବ : ରଖିଲା ୭ କଠୋର ସର୍ତ୍ତ



ଦୁବାଇ/ୱାଶିଂଟନ ୦୭/୧୧ : ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଭୟାବହ ସାମରିକ ସଂଘର୍ଷ ଓ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଏକ ବଡ଼ କୂଟନୈତିକ ବିକାଶ ସାମ୍ନାକୁ ଆସିଛି। ମଧ୍ୟସ୍ଥି ଦେଶ କତାର ଜରିଆରେ ଇରାନ ଆମେରିକାକୁ ଏକ ନୂତନ ପରମାଣୁ ପ୍ରସ୍ତାବ ପଠାଇଛି। ତେବେ ଏହି ପ୍ରସ୍ତାବ ଉପରେ କୌଣସି ପ୍ରକାର ଆଲୋଚନା ଆରମ୍ଭ କରିବା ପୂର୍ବରୁ ୱାଶିଂଟନକୁ ଇରାନର ୭ଟି ପ୍ରମୁଖ ଦାବି ବା ସର୍ତ୍ତ ପୂରଣ କରିବାକୁ ପଡ଼ିବ ବୋଲି ତେହେରାନ ସ୍ପଷ୍ଟ କରିଦେଇଛି। ରଏଟର୍ସର ରିପୋର୍ଟ ଅନୁଯାୟୀ, ଜଣେ ବରିଷ୍ଠ ଇରାନୀ ଅଧିକାରୀ ନାମ ଗୋପନ ରଖି ଏହି ସୂଚନା ଦେଇଛନ୍ତି ଏବଂ ବର୍ତ୍ତମାନ ଆମେରିକା ପ୍ରଶାସନ ଏହି ପ୍ରସ୍ତାବର ସମୀକ୍ଷା କରୁଛି।

ଇରାନର ସର୍ବୋଚ୍ଚ ସୁରକ୍ଷା ଅଧିକାରୀ ମହସିନ୍ ରେଜାଇ ନିଜର ରୁଷ ଗସ୍ତ ସମୟରେ ଏହି ସର୍ତ୍ତଗୁଡ଼ିକ ବିଷୟରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, "ଆମେ ଆମେରିକାକୁ ୭ଟି ସର୍ତ୍ତ ବିଷୟରେ ଜଣାଇ ଦେଇଛୁ। ଯେପର୍ଯ୍ୟନ୍ତ ସେମାନେ ଆମର ଏହି ସବୁ ସର୍ତ୍ତ ପୂରଣ ନକରିଛନ୍ତି, ସେପର୍ଯ୍ୟନ୍ତ ଆମେ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳମାର୍ଗ 'ହୋର୍ମୁଜ୍ ପ୍ରଣାଳୀ'କୁ ଖୋଲିବୁ ନାହିଁ କିମ୍ବା ଆମେରିକା ସହ କୌଣସି ଆଲୋଚନା କରିବୁ ନାହିଁ"। ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରଣାଳୀ ବନ୍ଦ ରହିବା ଯୋଗୁଁ ବିଶ୍ୱ ବଜାରରେ ଜାଳେଣି ଯୋଗାଣ ବାଧାପ୍ରାପ୍ତ ହୋଇଛି।

ଇରାନର ୭ଟି ପ୍ରମୁଖ ସର୍ତ୍ତ ହେଲା, ଇରାନ ପରମାଣୁ ଆଲୋଚନା ପାଇଁ ଆମେରିକା ଆଗରେ ସମସ୍ତ ପ୍ରକାର ଆର୍ଥିକ କଟକଣା ହଟାଇବା, ଜବତ ହୋଇଥିବା ସମ୍ପତ୍ତିକୁ ମୁକ୍ତ କରିବା ଏବଂ ଯୁଦ୍ଧ ଜନିତ କ୍ଷୟକ୍ଷତିର ସମ୍ପୂର୍ଣ୍ଣ କ୍ଷତିପୂରଣ ଦେବା ଭଳି କଠୋର ସର୍ତ୍ତ ରଖିଛି। ଏହାସହ ନିଜର ସୁରକ୍ଷା ପାଇଁ ଇରାନ ବନ୍ଦରଗୁଡ଼ିକ ଉପରୁ ନୌସେନା ଅବରୋଧ ପ୍ରତ୍ୟାହାର, ମଧ୍ୟ-ପ୍ରାଚ୍ୟରୁ ଆମେରିକୀୟ ସେନା ହ୍ରାସ, ଲେବାନନ୍ ସମେତ ସମସ୍ତ ସାମ୍ମୁଖ୍ୟରେ ଯୁଦ୍ଧର ସମ୍ପୂର୍ଣ୍ଣ ଅନ୍ତ ଏବଂ ଭବିଷ୍ୟତରେ କୌଣସି ଆକ୍ରମଣ ନକରିବା ପାଇଁ ଆନ୍ତର୍ଜାତୀୟ ଗ୍ୟାରେଣ୍ଟି ଦାବି କରିଛି।

ସର୍ତ୍ତ ପୂରଣ ନହେଲେ ଖୋଲିବନି 'ହର୍ମୁଜ୍ ପ୍ରଣାଳୀ' ଆଲୋଚନା ପ୍ରସ୍ତାବକୁ ସମୀକ୍ଷା କରୁଛି ୱାଶିଂଟନ

ଅପରପକ୍ଷରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ଏକ ବୟାନ ଦେଇ କହିଥିଲେ ଯେ ସେ ଆବଶ୍ୟକ ପଡ଼ିଲେ ଇରାନକୁ ସମ୍ପୂର୍ଣ୍ଣ ରୂପେ "ଧ୍ୱଂସ" କରିଦେବେ। ହେଲେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ରିପବ୍ଲିକାନ ଦଳର ପରାଜୟ ପରେ ବର୍ତ୍ତମାନ ଆମେରିକା ଉପରେ ଯୁଦ୍ଧ ବନ୍ଦ କରିବାକୁ ଘରୋଇ ଚାପ ବଢ଼ିବାରେ ଲାଗିଛି। ୱାଶିଂଟନ ଏହି ପ୍ରସ୍ତାବକୁ ଦେଖୁଥିଲେ ମଧ୍ୟ ସେମାନଙ୍କର କହିବା କଥା ଯେ କୌଣସି ପ୍ରାରମ୍ଭିକ ଆଲୋଚନାରେ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ମୁଖ୍ୟ ଏଜେଣ୍ଡା ଭାବେ ସାମିଲ କରାଯିବା ଆବଶ୍ୟକ, ଯାହାକୁ ନେଇ ଦୁଇ ଦେଶ ମଧ୍ୟରେ ମତଭେଦ ଜାରି ରହିଛି।

ବାୟୁ ପ୍ରଦୂଷଣର ଭୟାବହତା

ଭାରତରେ ପ୍ରତି ମିନିଟ୍‌ରେ ଯାଉଛି ୪ ଜଣଙ୍କ ଜୀବନ

ନୂଆଦିଲ୍ଲୀ,୦୭/୧୧ : ଦେଶରେ ବାୟୁ ପ୍ରଦୂଷଣର ସ୍ଥିତି ଦିନକୁ ଦିନ ଅତି ଭୟାନକ ରୂପ ଧାରଣ କରିବାରେ ଲାଗିଛି। ସମ୍ପ୍ରତି ପ୍ରକାଶ ପାଇଥିବା ଏକ ଚିନ୍ତାଜନକ ସ୍ୱାସ୍ଥ୍ୟ ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରଦୂଷଣ ଜନିତ ସମସ୍ୟା କାରଣରୁ ପ୍ରତି ମିନିଟ୍‌ରେ ପ୍ରାୟ ୪ ଜଣ ନିରୀହ ଲୋକଙ୍କର ମୃତ୍ୟୁ ଘଟୁଛି। ଏହି ରିପୋର୍ଟ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିବା ସହ ସରକାର ଓ ପରିବେଶବିତ୍‌ମାନଙ୍କ ନିଦ ହଜାଇ ଦେଇଛି। ପ୍ରଦୂଷିତ ବାୟୁ ମଣ୍ଡଳ କେବଳ ଲୋକଙ୍କ ଆୟୁଷ କମାଉ ନାହିଁ, ବରଂ ଦେଶର ମାନବ ସମ୍ବଳ ଏବଂ ଜାତୀୟ ଅର୍ଥନୀତି ଉପରେ ମଧ୍ୟ ବଡ଼ ଆଘାତ ଦେଉଛି। ବିଶେଷ କରି ଶୀତଦିନ ଆରମ୍ଭ ହେବା ମାତ୍ରେ ଦେଶର ରାଜଧାନୀ ଦିଲ୍ଲୀ ସମେତ ଉତ୍ତର ଭାରତ ଏବଂ ଅନ୍ୟାନ୍ୟ ପ୍ରମୁଖ ଶିଳ୍ପାଞ୍ଚଳଗୁଡ଼ିକରେ ବାୟୁର ଗୁଣବତ୍ତା ସୂଚକାଙ୍କ ଅତି ବିପଜ୍ଜନକ ସ୍ତରକୁ ଖସିଯାଉଛି। ବାୟୁରେ ମିଶୁଥିବା ପିଏମ୍ ୨.୫ ଭଳି ସୂକ୍ଷ୍ମ କଣିକା ଶ୍ୱାସକ୍ରିୟା ଜରିଆରେ ଲୋକଙ୍କ ଫୁସଫୁସ ଏବଂ ରକ୍ତରେ ପ୍ରବେଶ କରୁଛି। ଫଳରେ ହୃଦ୍‌ଘାତ, ବ୍ରେନ୍ ଷ୍ଟ୍ରୋକ୍, ଫୁସଫୁସ କର୍କଟ ଏବଂ ଆଜ୍‌ମା ଭଳି ଜଟିଳ ରୋଗରେ ଆକ୍ରାନ୍ତ ହୋଇ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଅକାଳ ମୃତ୍ୟୁର ମୁଖରେ ପଡୁଛନ୍ତି। ପ୍ରଦୂଷଣ ଯୋଗୁଁ ଲୋକଙ୍କ କାର୍ଯ୍ୟଦକ୍ଷତା ହ୍ରାସ ପାଉଥିବାରୁ ବିଭିନ୍ନ ଉତ୍ପାଦନ କ୍ଷେତ୍ରରେ କ୍ଷତି ସହିବାକୁ ପଡୁଛି। ବିଶେଷଜ୍ଞଙ୍କ ମତରେ, ଯଦି ତୁରନ୍ତ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଠୋର ପଦକ୍ଷେପ ନିଆନଯାଏ, ତେବେ ଆଗାମୀ ଦିନରେ ଏହା ଦେଶର ପ୍ରଗତି ପଥରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିବ।

ଡେମୋକ୍ରାଟ୍ସ ଦଳର ବଡ଼ ବିଜୟ

- ରିପବ୍ଲିକାନ ପାର୍ଟିକୁ

"ମହାପୁରୁଷଙ୍କ ଅମୃତ ବାଣୀ,
ଜୀବନ ପଥର ସେହି ତ ରଣୀ ।
ଧର୍ମ ପଥେ ସଦା ଚାଲିବା ଶିଖାଏ,
ମନରୁ ଅନ୍ଧାର ଦୂରେଇ ଦିଏ ।"

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ସମ୍ପାଦକୀୟ...

ରାଜଧାନୀରେ ବାରୁଦର ଗନ୍ଧ ଓ ବିପର୍ଯ୍ୟସ୍ତ ସୁରକ୍ଷା ବ୍ୟବସ୍ଥା

ଓଡ଼ିଶାର ପ୍ରାଣକେନ୍ଦ୍ର ତଥା ଶାନ୍ତିପ୍ରିୟ ସହର ଭାବେ ପରିଚିତ ରାଜଧାନୀ ଭୁବନେଶ୍ୱର ଏବେ ଧୀରେ ଧୀରେ ଅପରାଧର ପେଣ୍ଠସ୍ଥଳୀରେ ପରିଣତ ହେବାକୁ ବସିଲାଣି । ବିଶେଷ କରି ସହରର ବିଭିନ୍ନ କୋଣ ଅନୁକୋଣରେ ପ୍ରତିଦିନ ଘଟୁଥିବା ଗୁଳିକାଣ୍ଡ ଓ ବୋମାମାଡ଼ ଭଳି ହିଂସାତ୍ମକ ଘଟଣା ଜନସାଧାରଣଙ୍କ ସାଧାରଣ ଜୀବନଯାତ୍ରାକୁ ଭୟଭୀତ ଏବଂ ସନ୍ତ୍ରସ୍ତ କରିଦେଇଛି । ଯେଉଁ ସହର ଦିନେ ତାର ଉନ୍ନତ ସଂସ୍କୃତି, ଶାନ୍ତ ପରିବେଶ ଓ ସୁରକ୍ଷିତ ଜୀବନଶୈଳୀ ପାଇଁ ସାରା ଦେଶରେ ପ୍ରଶଂସିତ ହେଉଥିଲା, ଆଜି ସେହି ସହରର ରାସ୍ତାଘାଟରେ ସ୍ପଷ୍ଟ ଦିବାଲୋକରେ ବନ୍ଧୁକ ଫୁଟୁଛି ଏବଂ ମୁକ୍ତ ଆକାଶ ତଳେ ରକ୍ତର ନଦୀ ବହୁଛି । ବମିଖାଲ, ଲକ୍ଷ୍ମୀସାଗର, ନୟାପଲ୍ଲୀ କିମ୍ବା ପଟିଆ ଭଳି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଘଟୁଥିବା ଧାରାବାହିକ ଗୁଳିକାଣ୍ଡ କେବଳ ସାଧାରଣ ଲୋକଙ୍କ ସୁରକ୍ଷା ଉପରେ ବଡ଼ ପ୍ରଶ୍ନବାଚା ସୃଷ୍ଟି କରୁନାହିଁ, ବରଂ କମିଶନରେଟ ପୁଲିସର ଟ୍ୱିନ୍ ସିଟି ସୁରକ୍ଷା ଦାବିକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇ ଦେଇଛି ।

ଏହି ବଢୁଥିବା ଗୁଳିକାଣ୍ଡ ପଛରେ ଅନେକ ଗୁଡ଼ିଏ ସାମାଜିକ ଓ ପ୍ରଶାସନିକ କାରଣ ଲୁଚି ରହିଛି । ପ୍ରଥମ ଏବଂ ସବୁଠାରୁ ବଡ଼ କାରଣ ହେଉଛି ବେଆଇନ ମାରଣାସ୍ତ୍ରର ମୁକ୍ତ ପ୍ରବେଶ । ରାଜଧାନୀ ଭିତରକୁ ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ଭଳି ପଡ଼ୋଶୀ ରାଜ୍ୟରୁ ବେଆଇନ ଦେଶୀ ଓ ଆଧୁନିକ ବନ୍ଧୁକ ଅତି ସହଜରେ ଚୋରା ଚାଲାଣ ହୋଇ ଆସୁଛି । ଆଜିକାଲି ସହରର ଛୋଟ ଛୋଟ ଅପରାଧୀ, ବେଆଇନ ଜମି ମାଫିଆ ଏବଂ ନିଶା ବ୍ୟବସାୟୀଙ୍କ ହାତରେ ସହଜରେ ମାରଣାସ୍ତ୍ର ପହଞ୍ଚି ପାରୁଛି । ମାତ୍ର କିଛି ହଜାର ଟଙ୍କା ବିନିମୟରେ ଏହି ଖେଳନା ଭଳି ମାରଣାସ୍ତ୍ର ଉପଲବ୍ଧ ହେଉଥିବାରୁ, ସାମାନ୍ୟ ବ୍ୟକ୍ତିଗତ ବିବାଦ କିମ୍ବା ବ୍ୟବସାୟିକ ଶତ୍ରୁତା ମଧ୍ୟ ଏକ ବଡ଼ ଗୁଳିକାଣ୍ଡର ରୂପ ନେଉଛି । ପୁଲିସର ନାକାବନ୍ଦୀ ଏବଂ ସୀମାନ୍ତ ଯାଞ୍ଚ ପ୍ରକ୍ରିୟାରେ ଥିବା ଶିଥିଳତା ଯୋଗୁଁ ଅପରାଧୀମାନେ ବିନା କୌଣସି ଭୟରେ ସହର ଭିତରକୁ ବନ୍ଧୁକ ନେଇ ବୁଲୁଛନ୍ତି ଏବଂ ନିଜର ଆଧିପତ୍ୟ ବିସ୍ତାର କରୁଛନ୍ତି । ଦ୍ୱିତୀୟରେ, ରାଜଧାନୀରେ ଦୃତ ଗତିରେ ବୃଦ୍ଧି ପାଉଥିବା ନିଶା କାରବାର ଏହି ଅପରାଧର ମୁଖ୍ୟ ଇନ୍ଧନ ସାଜିଛି । ବ୍ରାଉନସୁଗାର, ଗଞ୍ଜେଇ ଏବଂ ବେଆଇନ ମଦ ବ୍ୟବସାୟର ନେଟୱାର୍କ ସହରର ବସ୍ତି ଅଞ୍ଚଳରୁ ଆରମ୍ଭ କରି ହାଇ-ଫାଇ ଇଲାକା ପର୍ଯ୍ୟନ୍ତ ଲମ୍ବିଛି । ନିଶା ସାମ୍ରାଜ୍ୟର ଏହି ବଜାର ଉପରେ କବଜା କରିବା ପାଇଁ ବିଭିନ୍ନ ଗ୍ୟାଙ୍ଗ ମଧ୍ୟରେ ଚାଲିଥିବା ଗୋଷ୍ଠୀ ସଂଘର୍ଷ ବାରମ୍ବାର ଗୁଳିକାଣ୍ଡର ମୁଖ୍ୟ କାରଣ ପାଲଟୁଛି । ଯୁବପିଢ଼ି ନିଶା କବଳରେ ପଡ଼ି ଖୁବ୍ କମ୍ ସମୟରେ ଅଧିକ ଟଙ୍କା ରୋଜଗାର କରିବା ଆଶାରେ ଅପରାଧ ଦୁନିଆରେ ପାଦ ଥାପୁଛନ୍ତି । ସହରରେ ସକ୍ରିୟ ଥିବା କ୍ରିମିନାଲ ଗ୍ୟାଙ୍ଗଗୁଡ଼ିକ ଏହି ଯୁବକମାନଙ୍କୁ 'ସୁପାରା କିଲର' ଭାବେ ବ୍ୟବହାର କରୁଛନ୍ତି, ଯାହାଫଳରେ ଅତି ସାଧାରଣ ଘଟଣାରେ ମଧ୍ୟ ନିର୍ଦ୍ଦୟ ଭାବେ ଗୁଳି ଚଳାଇବାକୁ ସେମାନେ ପଛାଉ ନାହାନ୍ତି ।

କୁମ୍ଭକର୍ଣ୍ଣ ନିଦ୍ରାରେ କମିଶନରେଟ୍ ପୋଲିସ

ତୃତୀୟ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ରିଅଲ୍ ଇଷ୍ଟେଟ୍ ଓ ଜମି କାରବାରରେ ଜଡ଼ିତ ମାଫିଆଙ୍କ ପ୍ରାଦୁର୍ଭାବ । ଭୁବନେଶ୍ୱରର ଭୌଗଳିକ କଳେବର ବୃଦ୍ଧି ପାଇବା ସହ ଜମିର ମୂଲ୍ୟ ଆକାଶଛୁଆଁ ହୋଇଛି । ଏହି କୋଟି କୋଟି ଟଙ୍କାର ଜମି କାରବାରକୁ ନିୟନ୍ତ୍ରଣ କରିବା ପାଇଁ ମାଫିଆମାନେ ବଳପ୍ରୟୋଗ ଏବଂ ଭୟର ବାତାବରଣ ସୃଷ୍ଟି କରୁଛନ୍ତି । ବିବାଦୀୟ ଜମି ଦଖଲ, କଣ୍ଟ୍ରାକ୍ଟ ସାଇନ୍ ଏବଂ ବଟି ଆଦାୟ କୁ କେନ୍ଦ୍ର କରି ଜମି ଦଲାଲ ଓ ବ୍ୟବସାୟୀଙ୍କ ଉପରକୁ ଗୁଳିମାଡ଼ ହେବା ପ୍ରାୟତଃ ଏକ ନିୟମିତ ଘଟଣା ହୋଇଗଲାଣି । ଅନେକ ସମୟରେ ଏହି ଅପରାଧୀମାନଙ୍କୁ କିଛି ପ୍ରଭାବଶାଳୀ ବ୍ୟକ୍ତି ଓ ରାଜନୈତିକ ନେତାଙ୍କ ପ୍ରପୋଷଣ ମିଳୁଥିବାରୁ, ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମୟରେ ଅନେକ ଆଇନଗତ ଓ ପ୍ରଶାସନିକ ବାଧାବିଘ୍ନର ସମ୍ମୁଖୀନ ହେଉଛି । ଏଭଳି ସ୍ଥିତିରେ କମିଶନରେଟ ପୁଲିସର ଭୂମିକା ଏବଂ କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନ ଉଠିବା ସ୍ୱାଭାବିକ । ସହରରେ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା ନାମକୁ ମାତ୍ର ଚାଲିଛି । ବିଶେଷ କରି ରାତି ସମୟରେ ସହରର ପ୍ରତି ଗଳିକନ୍ଦିରେ ପୁଲିସର ଉପସ୍ଥିତି ନଥିବାର ସମ୍ପୂର୍ଣ୍ଣ ସୁଯୋଗ ନେଉଛନ୍ତି ଦୁର୍ବୃତ୍ତ । ସହର ସାରା ସିସିଟିଭି କ୍ୟାମେରା ଲାଗିଥିବା ନେଇ ବଡ଼ ବଡ଼ ଦାବି କରାଯାଉଥିଲେ ହେଁ, ଅପରାଧ ଘଟିବା ସମୟରେ ଅଧିକାଂଶ କ୍ୟାମେରା ଅଚଳ ଥିବା କିମ୍ବା ଫୁଟେଜ୍ ସ୍ପଷ୍ଟ ନଥିବା ପରିଲକ୍ଷିତ ହେଉଛି । ପୁଲିସ କେବଳ ଘଟଣା ଘଟିବା ପରେ ତଦନ୍ତ କରିବା ଏବଂ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ମଧ୍ୟରେ ନିଜର ଦାୟିତ୍ୱ ସୀମିତ ରଖୁଛି । ମାତ୍ର ଅପରାଧ ଘଟିବା ପୂର୍ବରୁ ସୂଚନା ସଂଗ୍ରହ କରିବା ବା 'ଇଣ୍ଟେଲିଜେନ୍ସ ନେଟୱାର୍କ' ସମ୍ପୂର୍ଣ୍ଣ ରୂପେ ଫେଲ୍ ମାରିଛି । ତେବେ ଏହି ସଂଗୀନ ସ୍ଥିତିରୁ ରାଜଧାନୀକୁ ମୁକ୍ତ କରିବା ପାଇଁ ପ୍ରଶାସନକୁ କଠୋର ଏବଂ ସୁଚିନ୍ତିତ ପଦକ୍ଷେପ ନେବାକୁ ହେବ । ସର୍ବପ୍ରଥମେ, ସହରକୁ ସଂଯୋଗ କରୁଥିବା ସମସ୍ତ ପ୍ରବେଶ ପଥରେ ୨୪ ଘଣ୍ଟିଆ କଡ଼ା ଚେକ୍‌ପୋଷ୍ଟ ଏବଂ ଆଧୁନିକ ସ୍କାନର୍ ବ୍ୟବସ୍ଥା କରାଯିବା ଉଚିତ, ଯାହା ଦ୍ୱାରା ବେଆଇନ ମାରଣାସ୍ତ୍ରର ଚୋରା ଚାଲାଣକୁ ପ୍ରାରମ୍ଭିକ ସ୍ତରରେ ରୋକାଯାଇ ପାରିବ । ସହରରେ ଚାଲିଥିବା ନିଶା କାରବାରର ମୂଲୋତ୍ପାଟନ ପାଇଁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରି ଅପରାଧୀଙ୍କ ଗଡ଼ ଉପରେ ଚଢ଼ାଉ କରିବାକୁ ହେବ । ଏହା ସହିତ 'କ୍ରାଇମ ମ୍ୟାପିଂ' ପ୍ରଣାଳୀ ବ୍ୟବହାର କରି ସହରର ସବୁଠାରୁ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଉ ଏବଂ ସେଠାରେ ପିସିଆର ଭ୍ୟାନ ଓ ମୋଟରସାଇକେଲ ପାଟ୍ରୋଲିଂର ସଂଖ୍ୟା ଦ୍ୱିଗୁଣିତ କରାଯାଉ । ସବୁଠାରୁ ବଡ଼ କଥା ହେଉଛି, ପୁଲିସକୁ କୌଣସି ରାଜନୈତିକ ବା ବାହ୍ୟ ଚାପର ବଶବର୍ତ୍ତୀ ନହୋଇ ମୁକ୍ତ ହସ୍ତରେ ଅପରାଧୀଙ୍କ ବିରୋଧରେ 'ଜିରୋ ଟଲରେନ୍ସ' ବା ଶୂନ୍ୟ ସହନଶୀଳତା ନୀତି ଆପଣାଇବାକୁ ହେବ । ଦୁର୍ବୃତ୍ତ ଓ ମାଫିଆଙ୍କ ମନରେ ଆଇନ ପ୍ରତି ଭୟ ସୃଷ୍ଟି ନହେବା ପର୍ଯ୍ୟନ୍ତ ସହର ସୁରକ୍ଷିତ ହୋଇପାରିବ ନାହିଁ । ରାଜଧାନୀର ସୁରକ୍ଷା କେବଳ ଏକ ସରକାରୀ ଦାୟିତ୍ୱ ନୁହେଁ, ଏହା ଓଡ଼ିଶାର ଅସ୍ମିତା ଓ ପ୍ରଗତିର ପ୍ରତୀକ । ଯଦି ଏହି ବଢୁଥିବା ଗୁଳିକାଣ୍ଡ ଓ ଆତଙ୍କରାଜକୁ ଏବେଠାରୁ ଦମନ କରାନଯାଏ, ତେବେ ଆଗାମୀ ଦିନରେ ଭୁବନେଶ୍ୱର ନିଜର ଶାନ୍ତିପ୍ରିୟ ସହରର ଆଖ୍ୟା ହରାଇ ଏକ ଭୟାନକ କ୍ରାଇମ ସିଟିରେ ପରିଣତ ହେବ, ଯାହା ସମଗ୍ର ରାଜ୍ୟ ପାଇଁ ଏକ ଅଶୁଭ ସଙ୍କେତ । ସମ୍ପାଦକୀୟ ସ୍ତରରେ ଆମର ଏତିକି ଆହ୍ୱାନ ଯେ, ଗୃହ ବିଭାଗ ଓ କମିଶନରେଟ ପୁଲିସ କୁମ୍ଭକର୍ଣ୍ଣ ନିଦ୍ରାରୁ ଜାଗ୍ରତ ହୋଇ ରାଜଧାନୀବାସୀଙ୍କୁ ଏକ ଭୟମୁକ୍ତ ପରିବେଶ ପ୍ରଦାନ କରନ୍ତୁ ।

ନ୍ୟାୟିକ ସିଂହାସନ ଓ ଆଜିର କ୍ଷମତାସୀନ ଯୋଗ୍ୟତା ନ ଥାଇ ସିଂହାସନ ଦଖଲ କରିବା ହିଁ କ'ଣ ନେତୃତ୍ୱ ?



ସିତାଂଶୁ ଶେଖର ମିଶ୍ର
ଶାନ୍ତି ନଗର,ସୋନପୁର
ଦୂରଭାଷ- ୮୧୪୮୮ ୭୦୭୨୯

ପିଲାଦିନେ ନୀତିଶିକ୍ଷା ପୁସ୍ତକରେ ପଢ଼ିଥିବା କେତୋଟି ଗଳ୍ପ ମଣିଷର ମନରେ ଏପରି ଛାପ ଛାଡ଼ିଯାଏ ଯେ, ବୟସର ଅପରାହ୍ଣରେ ମଧ୍ୟ ସେଗୁଡ଼ିକର ଶିକ୍ଷା ମନରୁ ଲିଭିଯାଏ ନାହିଁ। 'ନ୍ୟାୟିକ ସିଂହାସନ' ସେହିଭଳି ଏକ ସ୍ମରଣୀୟ ଗଳ୍ପ। ରାଜା ଭୋଜ ଓ ବିକ୍ରମାଦିତ୍ୟଙ୍କ ବତ୍ରିଶ ସିଂହାସନର କାହାଣୀ କେବଳ ଏକ ଲୋକକଥା ନୁହେଁ, ବରଂ ଶାସନ, ନ୍ୟାୟ, ନୈତିକତା ଓ ନେତୃତ୍ୱର ଯୋଗ୍ୟତା ସମ୍ପର୍କରେ ଏକ ଚିରନ୍ତନ ଜୀବନବୋଧ।

ସିଂହାସନର ମହତ୍ତ୍ୱ :

ଲୋକକଥା ଅନୁସାରେ, ମାଳବର ରାଜା ଭୋଜ ଏକ ଅଲୌକିକ ସିଂହାସନ ଆବିଷ୍କାର କରିଥିଲେ। ତାହା ଥିଲା ମହାପ୍ରତାପୀ ବିକ୍ରମାଦିତ୍ୟଙ୍କର ରତ୍ନଖଚିତ ବତ୍ରିଶ ସିଂହାସନ। ସେଥିରେ ଖଚିତ ବତ୍ରିଶଟି ପୁତ୍ତଳିକା ଜଣକ ପରେ ଜଣେ ରାଜା ଭୋଜଙ୍କୁ ବିକ୍ରମାଦିତ୍ୟଙ୍କ ନ୍ୟାୟପରାୟଣତା, ସାହସ, ଦାନଶୀଳତା, ତ୍ୟାଗ ଓ ପ୍ରଜାବତ୍ସଳତାର କାହାଣୀ ଶୁଣାଇଥିଲେ। ପ୍ରତ୍ୟେକ କାହାଣୀର ଶେଷରେ ଥିଲା ଗୋଟିଏ ମୌଳିକ ପ୍ରଶ୍ନ—ଏପରି ମହାନ ଗୁଣର ଅଧିକାରୀ ନ ହୋଇ କେହି କ'ଣ ସେହି ସିଂହାସନରେ ବସିବାକୁ ଯୋଗ୍ୟ ?

ଶେଷରେ ରାଜା ଭୋଜ ନିଜର ଯୋଗ୍ୟତାକୁ ମାପିବାକୁ ଯାଇ ଆତ୍ମସମୀକ୍ଷା କରିଥିଲେ ଏବଂ ସିଂହାସନର ମର୍ଯ୍ୟାଦା ରକ୍ଷା କରିବା ପାଇଁ ତାହା ତ୍ୟାଗ କରିଥିଲେ। ଏହି କାହାଣୀର ପ୍ରକୃତ ଶିକ୍ଷା ହେଉଛି, କ୍ଷମତା ହାସଲ କରିବା ଅପେକ୍ଷା କ୍ଷମତାର ମର୍ଯ୍ୟାଦା ରକ୍ଷା କରିବା ଅଧିକ କଷ୍ଟକର। କ୍ଷମତା ନା ସେବା ?

ଆଜିର ରାଜନୈତିକ ପରିବେଶକୁ ଦେଖିଲେ ଏହି ଗଳ୍ପର ପ୍ରାସଙ୍ଗିକତା ଅଧିକ ଅନୁଭବ ହୁଏ। ଗଣତନ୍ତ୍ରରେ କ୍ଷମତା ହେଉଛି ଜନସାଧାରଣଙ୍କ ଦ୍ୱାରା ଅର୍ପିତ ଏକ ପବିତ୍ର ଦାୟିତ୍ୱ। କିନ୍ତୁ ଦୁର୍ଭାଗ୍ୟବଶତଃ, କେତେକଙ୍କ ପାଇଁ ଏହା ଜନସେବାର ମାଧ୍ୟମ ନ ହୋଇ ବ୍ୟକ୍ତିଗତ ପ୍ରତିଷ୍ଠା, ପ୍ରଭାବ ବିସ୍ତାର ଓ ସମ୍ପତ୍ତି ବୃଦ୍ଧିର ସୁଯୋଗ ପାଲଟିଛି। ନେତା, ଉପନେତା, ଅନୁଗତ, ଚାମଚା ଓ କ୍ଷମତାର ଛାୟାରେ ନିଜର ପରିଚୟ ତିଆରି କରୁଥିବା ଅନେକ ଚରିତ୍ରଙ୍କ ଆଚରଣରେ ଜନସେବା ଅପେକ୍ଷା ଆତ୍ମପ୍ରଚାରର ପ୍ରାଧାନ୍ୟ ଦେଖାଯାଉଛି। ପଦବୀ ଓ ପ୍ରଭାବକୁ ଯୋଗ୍ୟତାର ପ୍ରମାଣ ଭାବେ ଗ୍ରହଣ କରିବାର ପ୍ରବୃତ୍ତି ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ଶୁଭଙ୍କର ନୁହେଁ।

ପ୍ରଶାସନର ଦର୍ପଣ :

କେବଳ ରାଜନୈତିକ କ୍ଷେତ୍ର ନୁହେଁ, ପ୍ରଶାସନିକ ବ୍ୟବସ୍ଥାରେ ମଧ୍ୟ କେତେକଙ୍କ ଆଚରଣ ଚିନ୍ତାଜନକ। ଦୁର୍ନୀତି, ପକ୍ଷପାତିତା, ଅହଂକାର, କର୍ତ୍ତବ୍ୟରେ ଅବହେଳା ଓ କ୍ଷମତାର ଅପବ୍ୟବହାର ଯେତେବେଳେ ବ୍ୟବସ୍ଥାର ଅଂଶ ହୋଇଯାଏ, ସେତେବେଳେ ସାଧାରଣ ଲୋକ ନ୍ୟାୟ ପାଇବା ପାଇଁ ଦ୍ୱାରଦ୍ୱାର ବୁଲିବାକୁ ବାଧ ହୁଅନ୍ତି। ଯେଉଁ ଅଧିକାରୀଙ୍କ କଲମରେ ଜନସାଧାରଣଙ୍କ ଭାଗ୍ୟ ନିର୍ଦ୍ଧାରିତ ହୁଏ, ସେହି କଲମ ଯଦି ବ୍ୟକ୍ତିଗତ ସ୍ୱାର୍ଥରେ ପରିଚାଳିତ ହୁଏ, ତେବେ ନ୍ୟାୟ ଓ ସୁଶାସନ କେବଳ ଭାଷଣରେ ସୀମିତ ରହିଯିବ। ଏହା ମଧ୍ୟ ମନେ ରଖିବାକୁ ହେବ ଯେ, ସମସ୍ତ ରାଜନେତା କିମ୍ବା ସମସ୍ତ ପ୍ରଶାସକଙ୍କୁ ଏକା ତୁଳାରେ ମାପିବା ଠିକ୍ ନୁହେଁ। ନିଷ୍ଠା, ସାଧୁତା ଓ ଜନସେବାର ମନୋଭାବ ନେଇ କାମ କରୁଥିବା ଅନେକ ବ୍ୟକ୍ତି ମଧ୍ୟ ଅଛନ୍ତି। କିନ୍ତୁ ସେମାନଙ୍କର ଆଦର୍ଶକୁ ଅନୁସରଣ କରିବା ପରିବର୍ତ୍ତେ ଯେଉଁମାନେ କ୍ଷମତାକୁ ନିଜର ସର୍ବଗ୍ରାସୀ ସ୍ୱାର୍ଥ ପୂରଣର ଉପକରଣ କରିଛନ୍ତି, ସେମାନଙ୍କୁ ଆତ୍ମସମୀକ୍ଷା କରିବାକୁ ହେବ।

ଜନତା ହିଁ ପ୍ରକୃତ ବିଚାରକ :

ଗଣତନ୍ତ୍ରରେ ରାଜାଙ୍କ ସିଂହାସନ ନାହିଁ, ଅଛି ଜନମତର ଆସନ। ନିର୍ବାଚନରେ ବିଜୟ ହାସଲ କରିବା ଜଣେ ନେତାଙ୍କୁ କ୍ଷମତା ପ୍ରଦାନ କରିପାରେ, କିନ୍ତୁ ତାହା ତାଙ୍କୁ ସ୍ୱତଃ ମହାନ କରିଦିଏ ନାହିଁ। ମହାନତା ପ୍ରମାଣିତ ହୁଏ କାର୍ଯ୍ୟରେ, ଚରିତ୍ରରେ ଓ ଲୋକଙ୍କ ଦୁଃଖସୁଖରେ ସାମିଲ ହେବାର ମନୋଭାବରେ। ଲୋକଙ୍କ ଭୋଟରେ ଗଢ଼ା ସିଂହାସନ ଲୋକଙ୍କ ଆସ୍ଥା ହରାଇଲେ ତାହାର କୌଣସି ନୈତିକ ମୂଲ୍ୟ ରହେ ନାହିଁ।

ଆଜି ଆବଶ୍ୟକ କେବଳ କ୍ଷମତା ପରିବର୍ତ୍ତନ ନୁହେଁ, ଚରିତ୍ର ଓ କାର୍ଯ୍ୟସଂସ୍କୃତିର ପରିବର୍ତ୍ତନ। ନିର୍ବାଚନୀ ପ୍ରତିଶ୍ରୁତିର ହିସାବ, ସରକାରୀ ଯୋଜନାର ସ୍ୱଚ୍ଛତା, ଦୁର୍ନୀତିର ନିରପେକ୍ଷ ତଦନ୍ତ ଏବଂ ପ୍ରଶାସନର ଉତ୍ତରଦାୟିତ୍ୱ ସୁନିଶ୍ଚିତ ହେବା ଦରକାର। ଗଣତନ୍ତ୍ରରେ ଜନସାଧାରଣ କେବଳ ଭୋଟଦାତା ନୁହନ୍ତି, ସେମାନେ ଶାସନ ବ୍ୟବସ୍ଥାର ପ୍ରକୃତ ମାଲିକ।

ଆତ୍ମସମୀକ୍ଷାର ସମୟ :

ବିକ୍ରମାଦିତ୍ୟଙ୍କ ବତ୍ରିଶ ସିଂହାସନର କାହାଣୀ ଆଜି ମଧ୍ୟ ଆମକୁ ଏକ ଗଭୀର ବାର୍ତ୍ତା ଦିଏ—ପଦବୀ ମଣିଷକୁ ମହାନ କରେ ନାହିଁ, ମଣିଷର ମହତ୍ ଗୁଣ ପଦବୀର ଗୌରବ ବଢ଼ାଏ। ଯେଉଁମାନେ କ୍ଷମତାର ଆସନରେ ବସିଛନ୍ତି, ସେମାନେ ଥରେ ନିଜ ମନକୁ ପଚାରନ୍ତୁ, ସେମାନେ କ'ଣ ସେହି ଆସନର ମର୍ଯ୍ୟାଦା ରକ୍ଷା କରିବାରେ ସମର୍ଥ ?

ସିଂହାସନ ଦଖଲ କରିବା ସହଜ, କିନ୍ତୁ ତାହାର ନ୍ୟାୟିକ ମର୍ଯ୍ୟାଦା ବଜାୟ ରଖିବା ଅତ୍ୟନ୍ତ କଷ୍ଟକର। ଇତିହାସରେ କ୍ଷମତାସୀନଙ୍କ ନାମ ଅନେକ ଲେଖାଯାଏ, କିନ୍ତୁ ସମ୍ମାନର ସହ ସ୍ମରଣ କରାଯାଆନ୍ତି କେବଳ ସେହିମାନେ, ଯେଉଁମାନେ ନିଜ ସ୍ୱାର୍ଥଠାରୁ ଜନସ୍ୱାର୍ଥକୁ ଉର୍ଦ୍ଧ୍ୱରେ ରଖିଥାନ୍ତି। ଆଜିର ଶାସକ, ନେତା ଓ ପ୍ରଶାସକଙ୍କ ପାଇଁ ବତ୍ରିଶ ସିଂହାସନର ଏହା ହିଁ ସବୁଠାରୁ ବଡ଼ ନୀତିଶିକ୍ଷା।

ଦୀପାବଳି : ଆଲୋକର ପର୍ବ, ଐତିହ୍ୟ ଓ ଆଧୁନିକ ପ୍ରାସଙ୍ଗିକତା



ଦୀପାବଳି ବା ଦିୱାଳୀ ଭାରତୀୟ ସଂସ୍କୃତିର ଏକ ପ୍ରମୁଖ ତଥା ଆନନ୍ଦୋଲ୍ଲାସର ପର୍ବ। କାର୍ତ୍ତିକ ମାସ ଅମାବାସ୍ୟା ତିଥିରେ ପାଳିତ ଏହି ଉତ୍ସବ ଅନ୍ଧକାର ଉପରେ ଆଲୋକର, ଅଜ୍ଞାନତା ଉପରେ ଜ୍ଞାନର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟକୁ ପ୍ରତିପାଦିତ କରେ। ଏହି ପବିତ୍ର ଦିନରେ ଦୀପର ଆଲୋକରେ ସମଗ୍ର ପରିବେଶ ଝଲସି ଉଠେ ଏବଂ ଏହା ମାନବ ସମାଜକୁ ଆଶା, ସକାରାତ୍ମକତା ଓ ନୂତନ ଜୀବନର ପ୍ରେରଣା ଦିଏ।

ଦୀପାବଳି ପାଳନ ପଛରେ ଅନେକ ଗୁରୁତ୍ୱପୂର୍ଣ୍ଣ ପୌରାଣିକ ଓ ଐତିହାସିକ କାରଣ ରହିଛି। ମୁଖ୍ୟ ମାନ୍ୟତା ଅନୁଯାୟୀ, ରାକ୍ଷସ ରାଜ ରାବଣକୁ ବଧ କରିବା ପରେ ଭଗବାନ ଶ୍ରୀରାମ, ମାତା ସୀତା ଏବଂ ଭାଇ ଲକ୍ଷ୍ମଣ ଚଉଦ ବର୍ଷର ବନବାସ ସାରି ଅଯୋଧ୍ୟା ଫେରିଥିଲେ। ତାଙ୍କ ସ୍ୱାଗତରେ ଅଯୋଧ୍ୟାବାସୀ ଘିଅ ଦୀପ ଜଳାଇ ପୂରା ନଗରୀକୁ ଆଲୋକିତ କରିଥିଲେ। ଏହା ସହିତ ସମୁଦ୍ର ମନ୍ଥନ ସମୟରେ ଏହି ଦିନ ଧନ ଓ ସମୃଦ୍ଧିର ଦେବୀ ମା' ଲକ୍ଷ୍ମୀ ଆବିର୍ଭୂତ ହୋଇଥିବା ବିଶ୍ୱାସ କରାଯାଏ, ଯେଉଁଥିପାଇଁ ଘରେ ଘରେ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୁଏ। ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଅତ୍ୟାଚାରୀ ଅସୁର ନରକାସୁରକୁ ବଧ କରି ଲୋକଙ୍କୁ ମୁକ୍ତ କରିବା ଖୁସିରେ ମଧ୍ୟ ଏହି ପର୍ବ ପାଳନ କରାଯାଏ। ଅନ୍ୟ ଧର୍ମରେ ମଧ୍ୟ ଏହାର ମହତ୍ତ୍ୱ ରହିଛି, ଯେପରିକି ଜୈନ ଧର୍ମରେ ଭଗବାନ ମହାବୀର ଏହି ଦିନ ମୋକ୍ଷ ଲାଭ କରିଥିଲେ ଏବଂ ଶିଖ୍ ପରମ୍ପରାରେ ଗୁରୁ ହରଗୋବିନ୍ଦ ସିଂହ ଜୀ ବନ୍ଦୀଶାଳାରୁ ମୁକ୍ତ ହୋଇଥିଲେ।

ଓଡ଼ିଶାରେ ଦୀପାବଳିର ଏକ ସ୍ୱତନ୍ତ୍ର ପରମ୍ପରା ଓ ଗଭୀର ଆଧ୍ୟାତ୍ମିକ ଦିଗ ରହିଛି। ଏହି ଦିନଟିକୁ ଓଡ଼ିଆ ସଂସ୍କୃତିରେ ପିତୃପୁରୁଷଙ୍କ ସ୍ମରଣ ଦିବସ ଭାବେ ଶ୍ରଦ୍ଧାର ସହ ପାଳନ କରାଯାଏ। ସନ୍ଧ୍ୟା ସମୟରେ ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ କାଉଁରିଆ କାଠି ଜଳାଇ ଉପରକୁ ଟେକନ୍ତି ଏବଂ "ବଡ଼ବଡୁଆ ହୋ, ଅନ୍ଧାରରେ ଆସ, ଆଲୁଅରେ ଯାଅ, ବାଇଶି ପାହାଚେ ଗଡ଼ଗଡ଼ାଉ ଥାଅ" ବୋଲି ଡାକ ଦିଅନ୍ତି। ଏହା ପିତୃପୁରୁଷମାନଙ୍କୁ ଆଲୋକର ବାଟ ଦେଖାଇବା ଏବଂ ପରିବାରର କଲ୍ୟାଣ ନିମନ୍ତେ ସେମାନଙ୍କ ଆଶୀର୍ବାଦ ଲାଭ କରିବାର ଏକ ସୁନ୍ଦର ମାଧ୍ୟମ। ଏହି ରାତ୍ରିରେ ରାଜ୍ୟର ଅନେକ ସ୍ଥାନରେ ମା' କାଳୀଙ୍କ ପୂଜା ମଧ୍ୟ ବେଶ୍ ଧୁମଧାମରେ ହୋଇଥାଏ।

ଦୀପାବଳି କେବଳ ଏକ ପର୍ବ ନୁହେଁ, ଏହା ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନ ସହ ଓତପ୍ରୋତ ଭାବେ ଜଡ଼ିତ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏହା ମନ ଭିତରେ ଥିବା ଅହଂକାର, କ୍ରୋଧ ଓ ଈର୍ଷା ଭଳି ଅନ୍ଧକାରକୁ ଦୂର କରି ପ୍ରେମ ଓ ସଦ୍ଭାବନାର ଆଲୋକ ଜଳାଇବାକୁ ଶିଖାଏ। ପାରିବାରିକ ସ୍ତରରେ ଏହା ସମ୍ପର୍କକୁ ମଧୁର କରେ, ଲୋକେ ପରସ୍ପରକୁ ମିଠା ଓ ଉପହାର ବାଣ୍ଟି ଖୁସି ଆଦାନପ୍ରଦାନ କରନ୍ତି। ବ୍ୟବସାୟୀମାନଙ୍କ ପାଇଁ ଏହା ନୂତନ ବର୍ଷର ଆରମ୍ଭ

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ପଣ୍ଡିତ ନେହେରୁ ଓ ତାଙ୍କର ଦେଶ ପ୍ରତି ଅବଦାନ



ଭାରତର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ପୁରୋଧା ଏବଂ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ହେଉଛନ୍ତି ସେହି ବ୍ୟକ୍ତିତ୍ୱ, ଯିଏ ବ୍ରିଟିଶ ଶାସନରୁ ମୁକ୍ତ ହୋଇଥିବା ଏକ ବିଭାଜିତ ଓ ଗରିବ ଭାରତକୁ ବିଶ୍ୱ ଦରବାରରେ ଏକ ସଶକ୍ତ ରାଷ୍ଟ୍ର ଭାବେ ଛିଡ଼ା କରିବାର ମୂଳଦୁଆ ପକାଇଥିଲେ। ମହାତ୍ମା ଗାନ୍ଧୀଙ୍କ ସହଯୋଗୀ ଭାବେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇଥିବା ନେହେରୁ ୧୯୪୭ ରୁ ୧୯୬୪ ପର୍ଯ୍ୟନ୍ତ ଦୀର୍ଘ ୧୭ ବର୍ଷ ଧରି ଭାରତର ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ତାଙ୍କର ଦୂରଦୃଷ୍ଟି ଯୋଗୁଁ ତାଙ୍କୁ ଆଧୁନିକ ଭାରତର ନିର୍ମାତା ବୋଲି କୁହାଯାଏ। ତେବେ ବର୍ତ୍ତମାନର ରାଜନୈତିକ ପ୍ରେକ୍ଷାପଟରେ ତାଙ୍କର ନୀତି ଏବଂ ନିଷ୍ପତ୍ତିକୁ ନେଇ ଭାରତୀୟ ଜନତା ପାର୍ଟି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମଧ୍ୟରେ ବଡ଼ ଧରଣର ବିତର୍କ ଓ ବିରୋଧ ଦେଖିବାକୁ ମିଳୁଛି।

ଭାରତରେ ସଂସଦୀୟ ଗଣତନ୍ତ୍ର, ସମ୍ବିଧାନର ସମ୍ମାନ ଏବଂ ସାର୍ବଜନୀନ ସବାଳକ ମତଦାନ ପ୍ରଥାକୁ ସୁଦୃଢ଼ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଇଆଇଟି, ଆଇଆଇଏମଏସ୍, ଇସ୍ରୋ ଏବଂ ବାର୍କ ଭଳି ଅଗ୍ରଣୀ ଶିକ୍ଷା ଓ ଗବେଷଣା ଅନୁଷ୍ଠାନ ତାଙ୍କ ଶାସନ କାଳରେ ପ୍ରତିଷ୍ଠା ହୋଇଥିଲା। ସେ ଭାକ୍ରା ନଙ୍ଗଲ ଭଳି ବୃହତ ନଦୀବନ୍ଧ ଯୋଜନା ଓ ଇସ୍ପାତ କାରଖାନାଗୁଡ଼ିକୁ "ଆଧୁନିକ ଭାରତର ମନ୍ଦିର" ବୋଲି ଆଖ୍ୟା ଦେଇଥିଲେ। ଶୀତଳ ଯୁଦ୍ଧ ସମୟରେ ଆମେରିକା କିମ୍ବା ସୋଭିଏତ ସଂଘ କୌଣସି ଗୋଷ୍ଠୀରେ ସାମିଲ ନ ହୋଇ, ଭାରତର ଏକ ସ୍ୱତନ୍ତ୍ର ଓ ନିରପେକ୍ଷ ବୈଦେଶିକ ନୀତି ପ୍ରଣୟନ କରି ବିଶ୍ୱରେ ଦେଶର ସମ୍ମାନ ବଢ଼ାଇଥିଲେ। ଆଧୁନିକ ଭାରତ ଗଠନରେ ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଭୂମିକା ଅନନ୍ୟ; ତେବେ କାଶ୍ମୀର, ଚୀନ ଯୁଦ୍ଧ ଓ ବୈଦେଶିକ ନୀତିକୁ ନେଇ ବିଜେପି-ଆରଏସଏସ ସହ ଜାରି ରହିଛି ବୈଚାରିକ ମତଭେଦ। ଯାହା ମୁଖ୍ୟତଃ ତିନୋଟି ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର ଧରିଛି।

୧. ପଞ୍ଚଶୀଳ ନୀତି (୧୯୫୪) :

୧୯୫୪ ମସିହାରେ ଭାରତ ଏବଂ ଚୀନ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହଭାଗିତା ପାଇଁ ପଞ୍ଚଶୀଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହାର ମୂଳ ଉଦ୍ଦେଶ୍ୟ ଥିଲା ପରସ୍ପରର ଆଞ୍ଚଳିକ ଅଖଣ୍ଡତାକୁ ସମ୍ମାନ ଦେବା ଏବଂ ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନକରିବା। ନେହେରୁ ଏହି ସମୟରେ "ହିନ୍ଦୀ-ଚୀନୀ ଭାଇ ଭାଇ"ର ନାରା ଦେଇଥିଲେ। ସେ ବିଶ୍ୱାସ କରୁଥିଲେ ଯେ ଚୀନ କେବେ ଭାରତ ଉପରେ ଆକ୍ରମଣ କରିବ ନାହିଁ। ତେବେ ସମାଲୋଚକଙ୍କ ମତରେ, ଏହି ନୀତି ଆଧାରରେ ଭାରତ ତିବ୍ଦତ ଉପରେ ଚୀନର ସାର୍ବଭୌମତ୍ୱକୁ ସହଜରେ ଗ୍ରହଣ କରିନେଲା, ଯାହା ପରବର୍ତ୍ତୀ ସମୟରେ ଭାରତ ପାଇଁ ଏକ ବଡ଼ ରଣନୈତିକ ଭୁଲ ସାବ୍ୟସ୍ତ ହେଲା।

୨. ୧୯୬୨ ଚୀନ ଯୁଦ୍ଧ ଏବଂ ସାମରିକ ବିଫଳତା :

ପଞ୍ଚଶୀଳ ନୀତିର ମାତ୍ର କେଇ ବର୍ଷ ପରେ, ୧୯୬୨ ମସିହାରେ ଚୀନ ବିଶ୍ୱାସଘାତକତା କରି ଭାରତ ଉପରେ ଆକ୍ରମଣ କରିଥିଲା। ନେହେରୁଙ୍କ ବୈଦେଶିକ ଓ ପ୍ରତିରକ୍ଷା ନୀତି ଏହି ଯୁଦ୍ଧରେ ସମ୍ପୂର୍ଣ୍ଣ ବିଫଳ ପ୍ରମାଣିତ ହୋଇଥିଲା। ଭାରତୀୟ ସେନା ପାଖରେ ଉପଯୁକ୍ତ ଅସ୍ତ୍ରଶସ୍ତ୍ର ଏବଂ ଶୀତଦିନିଆ ପୋଷାକ ନଥିବା ବେଳେ ପ୍ରତିରକ୍ଷା ମନ୍ତ୍ରଣାଳୟ ଚୀନର ରଣନୀତିକୁ ବୁଝିବାରେ ଅସମର୍ଥ ହୋଇଥିଲା। ଯୁଦ୍ଧରେ ଭାରତର ପରାଜୟ ଘଟିଲା ଏବଂ ଚୀନ ଭାରତର ଅକ୍ସାଇ ଚୀନ ସମେତ ଏକ ବଡ଼ ଭୂଖଣ୍ଡ ନିଜ ନିୟନ୍ତ୍ରଣକୁ ନେଇଗଲା। ବିଜେପି ଏବଂ ଆରଏସଏସ ଅଭିଯୋଗ କରନ୍ତି ଯେ, ନେହେରୁଙ୍କ ଅତ୍ୟଧିକ ଆଦର୍ଶବାଦୀ ଏବଂ ଦୁର୍ବଳ ପ୍ରତିରକ୍ଷା ନୀତି ଯୋଗୁଁ ଦେଶକୁ ଏହି ଅପମାନ ସହିବାକୁ ପଡ଼ିଥିଲା।

୩. କାଶ୍ମୀର ପ୍ରସଙ୍ଗ ଓ ଧାରା ୩୭୦ :

୧୯୪୭ରେ ପାକିସ୍ତାନ ସମର୍ଥିତ ଆକ୍ରମଣକାରୀମାନେ ଜମ୍ମୁ-କାଶ୍ମୀର ଉପରେ ଆକ୍ରମଣ କରିବା ସମୟରେ, ନେହେରୁ ପୂର୍ଣ୍ଣ ସାମରିକ କାର୍ଯ୍ୟାନୁଷ୍ଠାନ ବଦଳରେ ଏହି ପ୍ରସଙ୍ଗକୁ ଜାତିସଂଘକୁ ନେଇଯାଇଥିଲେ, ଯାହା ଏକ ଚିରସ୍ଥାୟୀ ବିବାଦରେ ପରିଣତ ହେଲା। ଏହା ସହିତ କାଶ୍ମୀରକୁ ସ୍ୱତନ୍ତ୍ର ପାହ୍ୟା ଦେବା ପାଇଁ ସମ୍ବିଧାନରେ ଧାରା ୩୭୦ ସାମିଲ କରାଯାଇଥିଲା। ବିଜେପିର ପୂର୍ବସୂରୀ ଜନସଂଘର ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖାର୍ଜୀ ନେହେରୁଙ୍କ ଏହି "ଏକ ଦେଶରେ ଦୁଇ ବିଧାନ, ଦୁଇ ପ୍ରଧାନ ଓ ଦୁଇ ଚିହ୍ନ" ନୀତିର ତୀବ୍ର ବିରୋଧ କରି କାଶ୍ମୀର ଜେଲରେ ପ୍ରାଣ ହରାଇଥିଲେ। ବିଜେପି ନେହେରୁଙ୍କୁ କାଶ୍ମୀର ବିଭାଜନ ପାଇଁ ସିଧାସଳଖ ଦାୟୀ କରିଥାଏ।

ନେହେରୁଙ୍କ ପାଶ୍ଚାତ୍ୟ ଶୈଳୀର ଧର୍ମନିରପେକ୍ଷତାକୁ ସଂଘ ପରିବାର 'ସଂଖ୍ୟାଲଘୁ ତୋଷଣ ନୀତି' ବୋଲି କୁହନ୍ତି। ସୋମନାଥ ମନ୍ଦିରର ପୁନଃନିର୍ମାଣ ଓ ପ୍ରତିଷ୍ଠା ଉତ୍ସବକୁ ନେହେରୁ ବିରୋଧ କରିଥିବା ବେଳେ ଆରଏସଏସ ଏହାକୁ ସନାତନ ସଂସ୍କୃତିର ଅପମାନ ବୋଲି ମନେକରେ। ନେହେରୁଙ୍କ ସୋଭିଏତ ଶୈଳୀର ଅର୍ଥନୀତି ଓ ଲାଇସେନ୍ସ ରାଜ୍ ଯୋଗୁଁ ଦେଶର ଆର୍ଥିକ ପ୍ରଗତି ବହୁ ବର୍ଷ ଧରି ମନ୍ଥର ରହିଥିଲା ବୋଲି ଦକ୍ଷିଣପନ୍ଥୀ ଚିନ୍ତାନାୟକମାନେ ଯୁକ୍ତି ବାଢ଼ନ୍ତି। ପଣ୍ଡିତ ନେହେରୁଙ୍କୁ ସମ୍ପୂର୍ଣ୍ଣ ରୂପେ ଖାରଜ କରାଯାଇପାରିବ ନାହିଁକିମ୍ବା ତାଙ୍କ ନିଷ୍ପତ୍ତିକୁ ସମାଲୋଚନାରୁ ଦୂରେଇ ରଖାଯାଇପାରିବ ନାହିଁ। ଜଣେ ଗଣତାନ୍ତ୍ରିକ ନେତା ଭାବେ ନେହେରୁ ଭାରତର ଭିତ୍ତିଭୂମି ଓ ସଂସ୍ଥାଗୁଡ଼ିକୁ ଶକ୍ତିଶାଳୀ କରିଥିବା ବେଳେ, ତାଙ୍କ ସମୟର କିଛି ଐତିହାସିକ ନିଷ୍ପତ୍ତି ବର୍ତ୍ତମାନର ରାଜନୀତି ଓ ଜାତୀୟ ସୁରକ୍ଷାକୁ ପ୍ରଭାବିତ କରୁଛି। ରାଜନୈତିକ ମତଭେଦ ସତ୍ତ୍ୱେ, ସ୍ୱାଧୀନ ଭାରତର ଇତିହାସ ନେହେରୁଙ୍କ ନାମ ବିନା ଅସମ୍ପୂର୍ଣ୍ଣ।

୧୧
ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଦେଶର ନବନିର୍ମାଣ ଓ ପ୍ରଗତିର ମୁଖ୍ୟ ସୂତ୍ରଧାର ଥିଲେ । ସେ ଗଣତାନ୍ତ୍ରିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଆଧୁନିକ ଶିଳ୍ପ, କୃଷି ଏବଂ ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିଥିଲେ । IIT ଓ AIIMS ଭଳି ବିଶ୍ୱସ୍ତରୀୟ ଅନୁଷ୍ଠାନ ପ୍ରତିଷ୍ଠା ଏବଂ ବିଶ୍ୱ ଦରବାରରେ ଭାରତର ନିରପେକ୍ଷ ବୈଦେଶିକ ନୀତି ତାଙ୍କର ସର୍ବଶ୍ରେଷ୍ଠ ଅବଦାନ ।









୧୪ ନଭେମ୍ବର

କାହିଁକି ପାଳିତ ହୁଏ ଶିଶୁ ଦିବସ

ଶିଶୁ ଦିବସ ହେଉଛି ପିଲାମାନଙ୍କ ଅଧିକାର, ଶିକ୍ଷା ଏବଂ ସେମାନଙ୍କ କଲ୍ୟାଣ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଏକ ବିଶେଷ ଦିନ। ଭାରତରେ ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ ଶିଶୁ ଦିବସ ଭାବେ ପାଳନ କରାଯାଏ। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ଜନ୍ମଦିନକୁ ମନେ ପକାଇବା ପାଇଁ ଏହି ଦିନକୁ ଶିଶୁ ଦିବସ ଭାବେ ପାଳନ କରାଯାଏ। ନେହେରୁ ପିଲାମାନଙ୍କୁ ବହୁତ ଭଲ ପାଉଥିଲେ ଏବଂ ସେମାନଙ୍କ ଗହଣରେ ସମୟ ବିତାଇବାକୁ ପସନ୍ଦ କରୁଥିଲେ। ସେଥିପାଇଁ ପିଲାମାନେ ତାଙ୍କୁ ଶ୍ରଦ୍ଧାରେ "ଚାଚା ନେହେରୁ" ବୋଲି ଡାକୁଥିଲେ। ଚାଚା ନେହେରୁ ବିଶ୍ୱାସ କରୁଥିଲେ ଯେ ପିଲାମାନେ ହେଉଛନ୍ତି ଦେଶର ଭବିଷ୍ୟତ ଏବଂ ଆଗାମୀ କାଲିର ନିର୍ମାତା। ସେ ସର୍ବଦା ପିଲାମାନଙ୍କର ସଠିକ୍ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ଉପରେ ଜୋର୍ ଦେଉଥିଲେ। ସେ କହୁଥିଲେ, "ଆଜିର ଶିଶୁ କାଲିର ଭାରତ ଗଢ଼ିବେ। ଆମେ ସେମାନଙ୍କୁ ଯେପରି ଗଢ଼ିବା, ଦେଶର ଭବିଷ୍ୟତ ସେହିପରି ହେବ।" ୧୯୬୪ ମସିହାରେ ପଣ୍ଡିତ ନେହେରୁଙ୍କ ଦେହାନ୍ତ ପରେ, ତାଙ୍କର ପିଲାମାନଙ୍କ ପ୍ରତି ଥିବା ଭଲପାଇବାକୁ ସମ୍ମାନ ଜଣାଇ ଭାରତ ସରକାର ସର୍ବସମ୍ମତି କ୍ରମେ ନଭେମ୍ବର ୧୪ କୁ ଆନୁଷ୍ଠାନିକ ଭାବେ 'ଶିଶୁ ଦିବସ' ଭାବେ ଘୋଷଣା କରିଥିଲେ।

ଭାରତରେ ଶିଶୁ ଦିବସକୁ ନେଇ କିଛି ଏଭଳି ରୋଚକ ତଥ୍ୟ ଏବଂ ଆଦର୍ଶଗତ ବାଦ-ବିବାଦ ରହିଛି, ଯାହା ସାଧାରଣତଃ ଅନେକ ଲୋକ ଜାଣନ୍ତି ନାହିଁ। ବର୍ତ୍ତମାନର ରାଜନୈତିକ ଏବଂ ବୈଚାରିକ ପରିବର୍ତ୍ତନ କାରଣରୁ ଏହାକୁ ନେଇ ବିତର୍କ ମଧ୍ୟ ସୃଷ୍ଟି ହୋଇଛି। ଭାରତ ସ୍ୱାଧୀନ ହେବା ପରେ ଅନ୍ୟ ଦେଶଗୁଡ଼ିକ ଭଳି ଜାତିସଂଘର ନିର୍ଦ୍ଦେଶ ଅନୁସାରେ ପ୍ରତିବର୍ଷ ନଭେମ୍ବର ୨୦ ତାରିଖକୁ 'ବିଶ୍ୱ ଶିଶୁ ଦିବସ' ଭାବେ ପାଳନ କରାଯାଉଥିଲା। ୧୯୪୮ ମସିହାରେ ପ୍ରଥମ କରି ନେହେରୁଙ୍କ ଜନ୍ମଦିନକୁ 'ଫୁଲ ଦିବସ' ଭାବେ ପାଳନ କରାଯାଇ ପିଲାମାନଙ୍କ ପାଇଁ ପାଣ୍ଠି ସଂଗ୍ରହ କରାଯାଇଥିଲା। ପରେ ୧୯୫୪ ରୁ ନଭେମ୍ବର ୧୪ କୁ ଶିଶୁ ଦିବସ ଭାବେ ପାଳନ କରିବାକୁ ଭାରତରେ ପ୍ରସ୍ତା। ବ ଆସିଥିଲା, କିନ୍ତୁ ୧୯୬୪ ରେ ନେହେରୁଙ୍କ ଦେହାନ୍ତ ପରେ ହିଁ ଏହାକୁ ଆନୁଷ୍ଠାନିକ ଭାବେ ସରକାରୀ ସ୍ତରରେ ନଭେମ୍ବର ୧୪ କୁ ଘୋଷଣା କରାଗଲା।

ବର୍ତ୍ତମାନ ସମୟରେ ଭାରତରେ ନଭେମ୍ବର ୧୪ ବଦଳରେ ଅନ୍ୟ ଏକ ତାରିଖକୁ ଶିଶୁ ଦିବସ ଭାବେ ପାଳନ କରିବାକୁ ରାଜନୈତିକ ଏବଂ ସାମାଜିକ ସ୍ତରରେ ବଡ଼ ଦାବି ଉଠିଛି। ବିଜେପିର କିଛି ନେତା ଏବଂ ଅନେକ ସଂଗଠନ ଦାବି କରିଛନ୍ତି ଯେ ଭାରତରେ ଶିଶୁ ଦିବସକୁ ପଣ୍ଡିତ ନେହେରୁଙ୍କ ଜନ୍ମଦିନ ବଦଳରେ ସିଖ୍ ଗୁରୁ ଗୋବିନ୍ଦ ସିଂହଙ୍କ ଦୁଇ ସାହସୀ ପୁତ୍ର (ସାହିବଜାଦା ଜୋରାବର ସିଂହ ଏବଂ ସାହିବଜାଦା ଫତେ ସିଂହ) ଙ୍କ ଶହୀଦ ଦିବସ ଅର୍ଥାତ ଡିସେମ୍ବର ୨୬ କୁ ପାଳନ କରାଯାଉ। ସମାଲୋଚକମାନଙ୍କ ମତରେ, ମାତ୍ର ୯ ଏବଂ ୭ ବର୍ଷ ବୟସରେ ଦେଶ ଓ ଧର୍ମର ରକ୍ଷା ପାଇଁ ମୁଗଲମାନଙ୍କ ବିରୋଧରେ ସାହସର ସହ ଲଢ଼ି ନିଜ ଜୀବନ ବଳିଦାନ ଦେଇଥିବା ଏହି ଦୁଇ ଶିଶୁଙ୍କ ବୀରତ୍ୱ କାହାଣୀ ସାରା ଦେଶର ପିଲାମାନଙ୍କ ପାଇଁ ପ୍ରକୃତ ପ୍ରେରଣା ଅଟେ। ଏହି ବାଦ-ବିବାଦ ମଧ୍ୟରେ କେନ୍ଦ୍ର ସରକାର ପ୍ରତିବର୍ଷ ଡିସେମ୍ବର ୨୬ କୁ 'ବୀର ବାଲ୍ ଦିବସ' ଭାବେ ପାଳନ କରିବାକୁ ଘୋଷଣା କରିଛନ୍ତି, ତେବେ ନଭେମ୍ବର ୧୪ ର ଶିଶୁ ଦିବସ ମଧ୍ୟ ଜାରି ରହିଛି। ଚାଚା ନେହେରୁ ସର୍ବଦା ନିଜ କୋଟ୍‌ରେ ଏକ ନାଲି ଗୋଲାପ ଫୁଲ ଲଗାଉଥିଲେ। ଏହାକୁ ନେଇ ଏକ ସୁନ୍ଦର କଥା ପ୍ରଚଳିତ ଅଛି ଯେ, ସେ ପିଲାମାନଙ୍କୁ ସେହି ଗୋଲାପ ସହ ତୁଳନା କରୁଥିଲେ। ସେ ମନେ କରୁଥିଲେ ଯେ ପିଲାମାନେ ହେଉଛନ୍ତି ବଗିଚାର ଗୋଲାପ ଭଳି କୋମଳ, ଯେଉଁମାନଙ୍କୁ ଯତ୍ନର ସହ ଗଢ଼ିବା ଆବଶ୍ୟକ। କିନ୍ତୁ ଅନ୍ୟ ଏକ ଚର୍ଚ୍ଚା ଅନୁସାରେ, ସେ ତାଙ୍କ ପତ୍ନୀ କମଳା ନେହେରୁଙ୍କ ସ୍ମୃତିରେ ସର୍ବଦା ନାଲି ଗୋଲାପ ପିନ୍ଧୁଥିଲେ। ଦକ୍ଷିଣପନ୍ଥୀ ଚିନ୍ତାନାୟକ ଏବଂ ସମାଲୋଚକମାନେ ଅଭିଯୋଗ କରନ୍ତି ଯେ, ସ୍ୱାଧୀନତା ପରେ କଂଗ୍ରେସ ଶାସନ କାଳରେ ସମଗ୍ର ଦେଶର ଇତିହାସ ଏବଂ ଦେଶର ସଂସ୍କୃତିକୁ କେବଳ ଗୋଟିଏ ପରିବାର (ନେହେରୁ-ଗାନ୍ଧୀ ପରିବାର)ର ଚାରିପାଖରେ ସୀମିତ ରଖିବାକୁ ଚେଷ୍ଟା କରାଯାଇଥିଲା। ସେଥିପାଇଁ ଶିଶୁ ଦିବସ ଭଳି ଏକ ଜାତୀୟ ଦିନକୁ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଜନ୍ମଦିନ ସହ ଯୋଡ଼ା ଯାଇଥିଲା, ଯେତେବେଳେ କି ଭାରତ ଇତିହାସରେ ଅନେକ ପ୍ରେରଣାଦାୟୀ ଶିଶୁ ବୀର ରହିଛନ୍ତି (ଯେମିତି କି ଓଡ଼ିଶାର ବାଜି ରାଉତ କିମ୍ବା ଧର୍ମପଦ)। ସଂକ୍ଷେପରେ କହିବାକୁ ଗଲେ, ନେହେରୁଙ୍କ ପିଲାମାନଙ୍କ ପ୍ରତି ଥିବା ଭଲପାଇବା ପାଇଁ ଏହି ଦିନଟି ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ଏହା ଆଦର୍ଶଗତ ବିତର୍କର ପରିସରଭୁକ୍ତ ହୋଇଛି।

ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଜୟନ୍ତୀକୁ ପ୍ରତିବର୍ଷ ନଭେମ୍ବର ୧୪ ତାରିଖରେ ଶିଶୁ ଦିବସ ଭାବେ ପାଳନ କରାଯାଏ । ପିଲାମାନଙ୍କ ପ୍ରତି ଥିବା ତାଙ୍କର ଗଭୀର ସ୍ନେହ ଓ ଆଦର ପାଇଁ ସେ 'ଚାଚା ନେହେରୁ' ଭାବେ ବେଶ୍ ପରିଚିତ ଥିଲେ । ଶିଶୁମାନେ ହିଁ ଦେଶର ଭବିଷ୍ୟତ ଓ ପ୍ରକୃତ ନିର୍ମାତା ବୋଲି ସେ ବିଶ୍ୱାସ କରୁଥିଲେ ।



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ସମ୍ବିଧାନ ବଞ୍ଚାଅ, ଅରାଜକତା ହଟାଅ

ନୀଳଗିରିରେ ସଫଳତାର ସହ ଅନୁଷ୍ଠିତ ହେଲା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ



ନୀଳଗିରି, ୦୭/୧୧ (ଜେଏନ୍ଏସ୍) : ଆଜି ବରିସାହି କଲ୍ୟାଣ ମଣ୍ଡପ, ନୀଳଗିରି ଠାରେ ନୀଳଗିରି ନିର୍ବାଚନ ମଣ୍ଡଳୀ ସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ନୀଳଗିରିର ଯୁବ ବିଧାୟକ ସନ୍ତୋଷ କୁମାର ଖଟୁଆ ଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ସମ୍ମିଳନୀରେ ନୀଳଗିରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ୫୦୦ ରୁ ଅଧିକ ବୁଦ୍ଧିଜୀବୀ, ସଚେତନ ନାଗରିକ ଏବଂ ଦଳୀୟ କର୍ମକର୍ତ୍ତା ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଏହି ସମ୍ମିଳନୀକୁ ବୁଦ୍ଧିଜୀବୀ ସମ୍ମିଳନୀର ସଂଯୋଜକ, ଚନ୍ଦ୍ରଶେଖର ନନ୍ଦ ସୁଚାରୁରୂପେ ମଞ୍ଚ ପରିଚାଳନା କରିଥିଲେ ।

କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ବାହାନଗା ବ୍ଲକ ଅଧ୍ୟକ୍ଷ, ବିଶ୍ୱନାଥ ମିଶ୍ର, ନୀଳଗିରି ଏନ୍.ଏ.ସି. ଭାରପ୍ରାପ୍ତ ଅଧ୍ୟକ୍ଷ,ମହେନ୍ଦ୍ର ନାଥ ବେହେରା, ନୀଳଗିରି ବ୍ଲକ୍ ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୁଥାଳ, ନଗର ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତାପସ ମହାନ୍ତି, ୧୨ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ରଞ୍ଜିତା ସିଂ, ୧୩ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ ଏବଂ ୧୧ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ସୁବର୍ଣ୍ଣା ମଞ୍ଜରୀ ସିଂ ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ମୂଲ୍ୟବାନ ମତ ପ୍ରକାଶ କରିଥିଲେ । ଗଣତନ୍ତ୍ରର ସୁରକ୍ଷା, ସମ୍ବିଧାନର ମର୍ଯ୍ୟାଦା ରକ୍ଷା ଏବଂ ସମାଜରୁ ଅରାଜକତାକୁ ସମ୍ପୂର୍ଣ୍ଣ ଭାବେ ପ୍ରତିହତ କରିବା ପାଇଁ ଏହି ସମ୍ମିଳନୀରେ ଏକ ଦୃଢ଼ ସଂକଳ୍ପ ନିଆଯାଇଥିଲା । ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ଏହି ପ୍ରଚଣ୍ଡ ସମର୍ଥନ ନୀଳଗିରିରେ ଆଗାମୀ ଦିନରେ ଏକ ସୁସ୍ଥ ଓ ଶକ୍ତିଶାଳୀ ଗଣତାନ୍ତ୍ରିକ ବ୍ୟବସ୍ଥା ଗଠନ ପାଇଁ ବଡ଼ ପ୍ରେରଣା ସାଜିବ ବୋଲି ସାଧାରଣ ରେ ଆଲୋଚନା ହେଉଥିବା ଶୁଣା ଯାଇଛି ।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଉଦ୍‌ଘାଟିତ



ନିମାପଡ଼ା, ୦୭/୧୧ (ଜେଏନ୍ଏସ୍) ସ୍ଥାନୀୟ ପିଏମଶ୍ରୀ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଆନନ୍ଦ ଓ ଉତ୍ସାହର ମଧ୍ୟରେ ଶିଶୁ ମହୋତ୍ସବ ସୁରଭି ୨୦୨୬ ସମୃଦ୍ଧଭାଷା ସମୃଦ୍ଧ ଓଡ଼ିଶା ଦିନିକିଆ କାର୍ଯ୍ୟକ୍ରମ ନିମାପଡ଼ା ପିଏମଶ୍ରୀ ବାଳକ ଉଚ୍ଚ ବିଦ୍ୟାଳୟ ପୁରୁଣା ବ୍ଲକରେ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ ସକାଳେ ଉଦଘାଟିତ ହୋଇ ଅପରାହ୍ନରେ ଉଦଯାପିତ ହୋଇଯାଇଛି । ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ଉଦ୍ଦେଶ୍ୟରେ ଆୟୋଜିତ ଏହି ମହୋତ୍ସବରେ ନିମାପଡ଼ା ବ୍ଲକର ୨୨ଟି କ୍ଲଷ୍ଟରରୁ ଶ୍ରେଷ୍ଠ ହୋଇଥିବା ଛାତ୍ରଛାତ୍ରୀମାନେ ମଣ୍ଡଳ ସ୍ତରୀୟ ପ୍ରତିଯୋଗିତାରେ ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ମଣ୍ଡଳ ସ୍ତରରେ ଚୟନ ହୋଇଥିବା ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ୬/୧୧ପୁରୀ ଜିଲା ସ୍କୁଲ ଠାରେ ଆୟୋଜିତ ଜିଲାସ୍ତରୀୟ ଉତ୍ସବପାଇଁ ଚୟନ କରାଯାଇଛି । ମହୋତ୍ସବର ଉଦଘାଟନୀ ଅଧିବେଶନରେ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢାଙ୍କ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ସୁରଭି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତାଭାବେ ପୁରୀ ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ ସମ୍ମାନୀତ ଅତିଥିଭାବେ ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ ଏନ.ଏ.ସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ , ବିଡ଼ିଓ ଅଭିଜିତ ଷଡ଼ଙ୍ଗୀ, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀମାନେ ପୁଷ୍ପିତା ମିଶ୍ର , ସୁଦର୍ଶନ ଭୋଇ , ଗୀତାଞ୍ଜଳି ନାୟକ, ଅଭୟ କୁମାର ମେହେର ପ୍ରମୁଖ ଯୋଗଦେଇଥିଲେ । ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ କିଛି ନା କିଛି ସ୍ୱତନ୍ତ୍ର ପ୍ରତିଭା ଲୁକ୍କାୟିତ ରହିଥାଏ । ତାହାର ଉପଯୁକ୍ତ ବିକାଶ ପାଇଁ ସୁଯୋଗ, ପ୍ରୋତ୍ସାହନ ଓ ଉପଯୁକ୍ତ ମାର୍ଗଦର୍ଶନ ଜରୁରୀ ବୋଲି ସେମାନେ ମତ ଦେଇଥିଲେ ।ମହୋତ୍ସବ ଅବସରରେ ବିତର୍କ, ବାଗ୍ମିତା, ପ୍ରବନ୍ଧ ଲିଖନ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ହସ୍ତାକ୍ଷର ଲିଖନ ଓ ନୃତ୍ୟ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । । ପ୍ରଥମ ଅଧିବେଶନ ଶେଷରେ ଆୟୋଜକ ନିମାପଡ଼ା ହାଇସ୍କୁଲର ପ୍ରଧାନଶିକ୍ଷକ ଜ୍ୟୋତି ରଞ୍ଜନ ରଥ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥିଭାବେ ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶତରୁପ ଭୋଇ ବିଶିଷ୍ଟ ଅତିଥିଭା ଏନ.ଏ.ସି ଅଧ୍ୟକ୍ଷା ସସ୍ମିତା ସାହୁ, ମୁଖ୍ୟବକ୍ତାଭାବେ ନିମାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ରାଜକିଶୋର ମିଶ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ପ୍ରତ୍ୟେକ ବିଭାଗର କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ୨୭ ୯ଟି ବିଦ୍ୟାଳୟର ୭୫୦ ପ୍ରତିଯୋଗୀ ବିଭିନ୍ନ ବିଭାଗ ରେ ହେଉଥିବା ପ୍ରତିଯୋଗିତାରେ ଭାଗ ନେଇଥିଲେ । ମଣ୍ଡଳ ସାଧନ କେନ୍ଦ୍ରର ସଂଯୋଜକ ସୁଦର୍ଶନ ଭୋଇ ଧନ୍ୟବାଦ ଦେଇଥିଲେ ।

ପର୍ଯ୍ୟଟକଙ୍କ ପାଇଁ ଖୋଲିଲା କୁଳଡ଼ିହା ଅଭୟାରଣ୍ୟ

ନୀଳଗିରି, ୦୭/୧୧ (ଜେଏନ୍ଏସ୍) : ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବା ବେଳେ ବହୁ ପ୍ରତୀକ୍ଷିତ କୁଳଡିହା ଅଭୟାରଣ୍ୟ ଦୀର୍ଘ ସାଢ଼େ ଚାରିମାସର ଅନ୍ତରାଳ ପରେ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି । ବୁଧବାର ସକାଳ ୧୦ଟା ସମୟରେ ଅଭୟାରଣ୍ୟର ବାଲିଆନାଳ ସ୍ଥିତ ମୁଖ୍ୟ ପ୍ରବେଶପଥ ଠାରେ ମୁଖ୍ୟଅତିଥି ବାଲେଶ୍ୱର ଡିଏଫ୍ଓ ପ୍ରତୀକ ପ୍ରକାଶ ଇନ୍ଦଲକର,ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଏବଂ କୁଳଡିହା ରେଞ୍ଜର ମନୋରଞ୍ଜନ ନାୟକଙ୍କ ଉପସ୍ଥିତିରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ଉଦ୍ଘାଟିତ ହୋଇଯାଇଛି । ଚଳିତବର୍ଷର ପ୍ରଥମ ପର୍ଯ୍ୟଟକ ଭାବେ ସୌରଭ ପାଲଙ୍କ ହସ୍ତରେ ଫିତା କଟାଯାଇ ଶୁଭାରମ୍ଭ କରାଯାଇଥିଲା । ପରେ ଶ୍ରୀଯୁକ୍ତ ପାଲ ଏବଂ ତାଙ୍କ ସ୍ତ୍ରୀ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିଲେ । ତତ୍ପରେ ୬ଟି ଚାରିଚକିଆରେ ଆସିଥିବା ପଶ୍ଚିମବଙ୍ଗର ମୋଟ ୪୨ଜଣ ପର୍ଯ୍ୟଟକ କୁଳଡ଼ିହା ମଧ୍ୟକୁ ପ୍ରବେଶ କରିଥିଲେ । ସେମାନଙ୍କୁ ବିଭାଗ ପକ୍ଷରୁ ଫୁଲ, ଚନ୍ଦନ,ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ତନ୍ମଧ୍ୟରୁ ୨୧ଜଣ ପୁରୁଷ ପର୍ଯ୍ୟଟକ ହୋଇଥିବା ବେଳେ ୨୧ଜଣ ମହିଳା ପର୍ଯ୍ୟଟକ ସାମିଲଥିଲେ । ବିଶେଷକରି କଲିକତା ଠାରେ ପ୍ରତିଷ୍ଠିତ ଜାତୀୟ ଫେଶନ ଟେକ୍ନୋଲୋଜିରେ ଅଧ୍ୟୟନ କରୁଥିବା ଦେଶର ବିଭିନ୍ନ ରାଜ୍ୟ ଏବଂ ବିଦେଶାଗତ ଛାତ୍ରଛାତ୍ରୀ ମାନେ ଅଭୟାରଣ୍ୟକୁ ଏକ୍ସପ୍ଲୋର କରିବା ଉଦ୍ଦେଶ୍ୟରେ ଆସିଥିବା ଜଣାଯାଇଛି ।ସୂଚନାଯୋଗ୍ୟ ୨୭୨.୭୫ବର୍ଗକିଲୋମିଟର ପରିବ୍ୟାପ୍ତ ପ୍ରାକୃତିକ ବନରାଜିର ମନଲୋଭ ଦୃଶ୍ୟ, ପାହାଡ,ଝରଣା ସହିତ ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ବିଭିନ୍ନ ବନ୍ୟପ୍ରାଣୀ, ଦେଶାବିଦେଶୀ ପକ୍ଷୀଙ୍କ ସମାଗମ ଓ ସେମାନଙ୍କର କିଚିରି ମିଚିରି ଶବ୍ଦକୁ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ବିଶେଷକରି ହାତୀ ଅଭୟାରଣ୍ୟର ମାନ୍ୟତା ପାଇଥିବା କୁଳଡିହାରେ ହାତୀ, ହରିଣ, କୁଟାରା, ଗୟଳ, ସମ୍ବର , ବଣକୁକୁଡ଼ା ମାନଙ୍କର ବିଚରଣ ଦେଖିବାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । ଏହି ଅଭୟାରଣ୍ୟରେ ୪ଟି ସଲ୍ଟ ପଏଣ୍ଟ , ୫ଟି ୱାଚଟାୱାର, ଗଡ ସିମୁଳିଆ ଓ ମୁଖଚଡୁରା ଠାରେ ଝରଣାର କୁଳୁକୁଳୁ ନାଦ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥାଏ । ତତ୍ ସହିତ ପର୍ଯ୍ୟଟକଙ୍କ ରାତ୍ରିରହଣି ପାଇଁ ଯୋଡାରୁଆ ଏବଂ ଗୋହିରାଭୋଳ ଠାରେ ନେଚର୍ସ କ୍ୟାମ୍ପ ଓ ତମ୍ବୁଘର ରହିଛି । ତେବେ ଚଳିତବର୍ଷ ବିଶେଷକାରଣ ପାଇଁ ଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ରାତ୍ରିରହଣି ବନ୍ଦ ରଖାଯାଇଛି ।

ସିଟୁ ତରଫରୁ ରାଜ୍ୟସ୍ତରୀୟ ଟ୍ରେଡ ୟୁନିଅନ ଶିକ୍ଷା ଶିବିର



ନୀଳଗିରି, ୦୭/୧୧ (ଜେଏନ୍ଏସ୍) : ସିଟୁ ରାଜ୍ୟ କମିଟି ତରଫରୁ ତିନି ଦିନିଆ ଶିକ୍ଷା ଶିବିର ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେଉଛି । ବର୍ତ୍ତମାନ ପରିସ୍ଥିତିରେ ଶ୍ରମିକ ମାନଙ୍କ ସୁରକ୍ଷା ପାଇଁ ନେତୃତ୍ୱ ମାନଙ୍କ ର ଭୂମିକା କଣ ହେବ ତା ଉପରେ ଆଲୋଚନା କରା ଯାଇଛି ।ଉକ୍ତ ଶିବିର ରେ ସିଟୁ ର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ରାଜ୍ୟ ସାଧାରଣ ସମ୍ପାଦକ ଉଲ୍ଲାସ ସ୍ୱାଇଁ, ଉପସଭାପତି ଦୁଷ୍ମନ୍ତ ଦାସ ସାଥୀ ମାନଙ୍କୁ ବିଭିନ୍ନ ସମସ୍ୟା ଓ ପ୍ରତିକାର ଉପରେ ଆଲୋଚନା କରୁଛନ୍ତି । ଉକ୍ତ ଶିକ୍ଷା ଶିବିର କୁ ସିଟୁ ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର,ସଭାପତି ରାଜକିଶୋର ଲେଙ୍କା,ପାଚିକା ରାଜ୍ୟ ସାଧାରଣ ସମ୍ପାଦକ ଇଶାନୀ ଷଡଙ୍ଗୀ ଓ ଚାରମିନାର ଆଜବେଷ୍ଟସ ଶ୍ରମିକ ସଂଘ ର ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ଜେନା ପ୍ରମୁଖ ଯୋଗ ଦେଇ ଥିବା ଜଣା ଯାଇଛି । ଅନ୍ୟ ପକ୍ଷରେ, ଆଗାମୀ ଦିନରେ ଯଦି ଆନ୍ଦୋଳନ ଦୁର୍ବାର ନ ହେବ ଶ୍ରମିକ ଶ୍ରେଣୀ ତାର ହକ୍ ଆଦାୟ କରିପାରିବ ନାହିଁ । ଚାରୋଟି ଶ୍ରମ କୋଡ୍ କୁ ପ୍ରତ୍ୟାହାର କରିବା ସହିତ ଅନ୍ୟ ଦାବୀ ସହିତ ଆସନ୍ତା ଡିସେମ୍ବର ଏକ,ଦୁଇ ଓ ତିନି ତାରିଖ ଦିଲ୍ଲୀର ଆନ୍ଦୋଳନ କୁ ସଫଳ ପାଇଁ ସିଟୁ ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ବାଲେଶ୍ୱର ର ସିଟୁ ଅନୁବନ୍ଧିତ ୟୁନିଅନ ଓ ଶ୍ରମିକ ମାନଙ୍କୁ ନିବେଦନ କରିଛନ୍ତି ।

ହକି ଇଣ୍ଡିଆକୁ ବଡ଼ ଝଟ୍‌କା

ନିର୍ବାଚନ ଓ ସଦସ୍ୟତା ହ୍ରାସ ଉପରେ ହାଇକୋର୍ଟଙ୍କ ରହିତାଦେଶ

- କାର୍ଯ୍ୟକାଳ ଶେଷ ପରେ ସୋ-କଜ୍ ନୋଟିସ ଜାରିକୁ ନେଇ ଉଠିଲା ପ୍ରଶ୍ନ
- ଆସନ୍ତା ଡିସେମ୍ବର ୯ରେ ହେବ ପରବର୍ତ୍ତୀ ଶୁଣାଣି

କଟକ,୦୭/୧୧(ଜେଏନ୍ଏସ୍): ହକି ଇଣ୍ଡିଆକୁ ଏକ ବଡ଼ ଧରଣର ଝଟ୍‌କା ଦେଇ ଓଡ଼ିଶା ହାଇକୋର୍ଟ ଆସନ୍ତା ଡିସେମ୍ବର ୫ ତାରିଖରେ ହେବାକୁ ଥିବା ଜାତୀୟ ଫେଡେରେସନର କାର୍ଯ୍ୟକାରୀ କମିଟି ନିର୍ବାଚନ ଉପରେ ଅନ୍ତରାଣ ରହିତାଦେଶ ଜାରି କରିଛନ୍ତି । ଏହାସହିତ ହକି ଆସୋସିଏସନ ଅଫ୍ ଓଡ଼ିଶାର ସଦସ୍ୟତା ପଦବୀକୁ 'ସ୍ଥାୟୀ'ରୁ 'ଆସୋସିଏଟ୍'କୁ ହ୍ରାସ କରିବା ପାଇଁ ହକି ଇଣ୍ଡିଆ ଦେଇଥିବା କାରଣ ଦର୍ଶାଅ (ସୋ-କଜ୍) ନୋଟିସର କାର୍ଯ୍ୟକାରିତା ଉପରେ ମଧ୍ୟ କୋର୍ଟ ରୋକ ଲଗାଇଛନ୍ତି. ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ପରେ ଜାତୀୟ କ୍ରୀଡ଼ା ମହଲରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି ।

ହକି ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ଦାୟର ଏକ ସ୍ପେଶାଲ ରିଟ୍ ପିଟିସନର ଶୁଣାଣି କରି ହାଇକୋର୍ଟଙ୍କ ଜଣିକିଆ ବିଚାରପତି ଜଷ୍ଟିସ ଆର.କେ. ପଟ୍ଟନାୟକଙ୍କ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ଆଦେଶ ଶୁଣାଇଛନ୍ତି. ଗତ ଅକ୍ଟୋବର ୬ ତାରିଖରେ ଅନୁଷ୍ଠିତ ହକି ଇଣ୍ଡିଆର ୧୨୦ତମ କାର୍ଯ୍ୟକାରୀ ବୈଠକର ନିଷ୍ପତ୍ତି ଏବଂ ଅକ୍ଟୋବର ୭ରେ ଓଡ଼ିଶାକୁ ଜାରି ହୋଇଥିବା କାରଣ ଦର୍ଶାଅ ନୋଟିସକୁ ଚ୍ୟାଲେଞ୍ଜ କରି ରାଜ୍ୟ ସଂଘ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ହକି ଇଣ୍ଡିଆର ନିୟମାବଳୀ ଉଲ୍ଲଙ୍ଘନର ଆରୋପ ଲଗାଇ ଓଡ଼ିଶାର ସଦସ୍ୟତା ପାହ୍ୟା ହ୍ରାସ କରିବାକୁ ନୋଟିସରେ କୁହାଯାଇଥିଲା ।

ହକି ଓଡ଼ିଶା ପକ୍ଷରୁ ବରିଷ୍ଠ ଆଇନଜୀବୀ ପି କେ ରଥ ଓ ଆର୍ ପି କର ମାମଲା ପରିଚାଳନା କରୁଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କୋର୍ଟରେ ପକ୍ଷ ରଖିଥିଲେ. ତେବେ ଏହି ସୋ-କଜ୍ ନୋଟିସକୁ ସମ୍ପୂର୍ଣ୍ଣ ବେଆଇନ ଦର୍ଶାଇ ଏଜି ଯୁକ୍ତି ବାଢ଼ିଥିଲେ ଯେ, ୨୦୨୨ରେ ନିର୍ବାଚିତ ହୋଇଥିବା ବର୍ତ୍ତମାନର ହକି ଇଣ୍ଡିଆ କାର୍ଯ୍ୟକାରୀ କମିଟି (ଯେଉଁଥିରେ ଦିଲୀପ ଟିର୍କୀ ସଭାପତି ଓ ଭୋଲାନାଥ ସିଂ ସାଧାରଣ ସମ୍ପାଦକ ଅଛନ୍ତି) ର କାର୍ଯ୍ୟକାଳ ଗତ ସେପ୍ଟେମ୍ବର ୩୦, ୨୦୨୬ରେ ଶେଷ ହୋଇସାରିଛି । କାର୍ଯ୍ୟକାଳ ଶେଷ ହେବା ପରେ ସାଧାରଣ ସମ୍ପାଦକ କେଉଁ ଅଧିକାର ବଳରେ ରାଜ୍ୟ ସଂଘ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ପାଇଁ ନୋଟିସ ଜାରି କଲେ । ସେ ନେଇ ସେ ଆଇନଗତ ବୈଧତା ଉପରେ ପ୍ରଶ୍ନ ଉଠାଇଥିଲେ । ଏହାସହିତ ଜାତୀୟ କ୍ରୀଡ଼ା ଗଭର୍ଣ୍ଣାସ ଆକ୍ଟ-୨୦୨୫ ଅନୁଯାୟୀ ଜିଲ୍ଲା ଓ ରାଜ୍ୟ ସ୍ତରୀୟ ନିର୍ବାଚନ ପ୍ରକ୍ରିୟା ଶେଷ ନହେବା ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହି ନିର୍ବାଚନକୁ ସ୍ଥଗିତ ରଖିବା ଉଚିତ ବୋଲି ଯୁକ୍ତି ପ୍ରକାଶ ପାଇଥିଲା ।

ଡିଏନ୍‌ପୁର ପଞ୍ଚାୟତ କଂଗ୍ରେସ କମିଟି ଗଠିତ



ନୀଳଗିରି, ୦୭/୧୧ (ଜେଏନ୍ଏସ୍) : ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖିପଦା ବ୍ଲକ ଡ଼ି. ଏନ. ପୁର ଗ୍ରାମ ପଂଚାୟତ ର କଂଗ୍ରେସ କର୍ମୀ ମାନଙ୍କୁ ନେଇ ଖିପଦା ବ୍ଲକକଂଗ୍ରେସ ଉପସଭାପତି ବାସୁଦେବ ପାତ୍ର ଙ୍କ ସଭାପତି ତ୍ୱ ରେ ଏକ ସଭା ଅନୁଷ୍ଠିତ ହୋଇ ଥିଲା ।ଉକ୍ତ ସଭା ରେ ମୁଖ୍ୟ ଅତିଥି ରୂପେ ନୀଳଗିରି କଂଗ୍ରେସ ନେତା ତଥା ନୀଳଗିରି ବ୍ଲକ କଂଗ୍ରେସ ସଭାପତି ତପନ କୁମାର ରାଉତ ଉପସ୍ଥିତ ଥିବା ବେଳେ ସମ୍ମାନୀୟ ଅତିଥି ରୂପେ ଜିଲ୍ଲା କଂଗ୍ରେସ ଉପସଭାପତି ରାମକୃଷ୍ଣ ଜେନା,ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଅଶ୍ୱନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।ଉକ୍ତ ସଭା ରେ ସର୍ବ ସଂମତି କ୍ରମେ ପଂଚାୟତ କଂଗ୍ରେସ ସଭାପତି ରୂପେ ମହେଶ୍ୱର ପଣ୍ଡା, ଉପସଭାପତି ରୂପେ ନାରାୟଣ ସ, ସମ୍ପାଦକ ରୂପେ ପରମାନନ୍ଦ ବାରିକ, ସହସମ୍ପାଦକ ରୂପେ ରବୀନ୍ଦ୍ର ବେହେରା ଓ କୋଷାଧ୍ୟକ୍ଷ ରୂପେ ଲକ୍ଷ୍ମଣ ସିଂ ମନୋନୀତ ହୋଇ ଥିଲେ ।ମୋଟ ଡ଼ି. ଏନ ପୁର ପଂଚାୟତ ର ୨୯ ଜଣିଆ କଂଗ୍ରେସ କମିଟି ଗଠନ କରା ଯାଇଛି ।ଉକ୍ତ ଗ୍ରାମ ପଂଚାୟତ ଦିନେ କଂଗ୍ରେସ ର ଗଡ଼ ଥିଲା ।ଛୁପୁର୍ବ ସ୍ମୃତି ଓ ପୂର୍ବ ଗୌରବ କୁ ଫେରାଇ ଆଣିବାପାଇଁ ମୁଖ୍ୟ ଅତିଥି ଶ୍ରୀ ରାଉତ ସଭା ରେ ତାଙ୍କ ର ବକ୍ତବ୍ୟ ରଖିଥିଲେ ।ଦଳ ଓ ରାଜନୀତି ଠାରୁ ଉର୍ଦ୍ଧ୍ୱ ରେ ରହି ଲୋକ ଙ୍କ ସମସ୍ୟା ଓ ସୁଖ ଦୁଃଖ ର ସାଥି ହେବା ପାଇଁ ସେ ପରାମର୍ଶ ଦେଇଥିଲେ ।ଅନ୍ୟ ସମସ୍ତ ବକ୍ତା ମାନେ ଅତୀତ ରେ ଉକ୍ତ ପଂଚାୟତ ପାଇଁ କଂଗ୍ରେସ କରିଥିବା କାର୍ଯ୍ୟକ୍ରମ ଓ ଅନୁଷ୍ଠାନ, ରାସ୍ତା, ଘାଟ, ପୋଲ, ପିଇବା ପାଣି, ଇଲେକ୍ଟ୍ରିସମ୍ପର୍କ ରେ ବଖାଣି ଥିଲେ ।ପରିଶେଷରେ ପୂର୍ବ ତନ ସରପଞ୍ଚ ବିଦ୍ୟାଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

'ଓଡ଼ିଆ ସାହିତ୍ୟର ନୂତନ ସୃଷ୍ଟି' ଶୀର୍ଷକ ଆଲୋଚନାଚକ୍ର



ନୀଳଗିରି, ୦୭/୧୧ (ଜେଏନ୍ଏସ୍) : ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧ ପରମ୍ପରାକୁ ଆଗକୁ ନେବା ସହ ସମକାଳୀନ ସାହିତ୍ୟର ନୂତନ ଧାରା, ସୃଜନଶୀଳତା ଓ ଚିନ୍ତାଧାରାକୁ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ବିଶ୍

ଖୋର୍ଦ୍ଧା ପୋଲିସର ସଫଳତା

ବାଲେଶ୍ୱର-ଭଦ୍ରକକୁ ନିଶା ଚାଲାଣର ଖୋଲିଲା ଗୁମର



୬୭.୩୩ କେଜି ଗଞ୍ଜେଇ, ୩ଟି କାର ଜବତ ସହ ୬ ଗିରଫ

ଖୋର୍ଦ୍ଧା, ୦୪/୧୧ (ଜେଏନ୍ଏସ୍) : ଗଞ୍ଜେଇ ଚାଲାଣ ପାଇଁ ଥିଲା ସୁଚିନ୍ତିତ ଯୋଜନା। ଗୋଟିଏ ଦଳ ଗଞ୍ଜେଇ ସଂଗ୍ରହ କରୁଥିଲା, ଅନ୍ୟ ଦଳ ଗାଡ଼ିରେ ଚାଲାଣ କରୁଥିଲା, ଆଉ ଏକ ଦଳ ରାସ୍ତାରେ ସୁରକ୍ଷା ଦେଇ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ପରେ ବିକ୍ରି କରୁଥିଲା। ଏଭଳି ଏକ ସୁସଂଗଠିତ ଆନ୍ତଃଜିଲା ଗଞ୍ଜେଇ କାରବାରର ଯୋଜନାକୁ ପଣ୍ଡ କରିଛି ଖୋର୍ଦ୍ଧା ପୁଲିସ। ଗଡ଼ଗଡୁମସ୍ଥିତ ଦୁର୍ଗାପୁରଠାରେ ଚଢ଼ାଉ କରି ଏହି ନେଟୱର୍କରେ ସମ୍ପୃକ୍ତ ଅଭିଯୋଗରେ ୬ ଜଣଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୬୭ କେଜି ୩୩୦ ଗ୍ରାମ ଗଞ୍ଜେଇ, ତିନୋଟି କାର୍, ପାଞ୍ଚଟି ମୋବାଇଲ ଫୋନ୍ ଓ ୧୨ ହଜାର ୩୦୦ ଟଙ୍କା ଜବତ ହୋଇଛି। ନଭେମ୍ବର ୩ ତାରିଖରେ ଗଞ୍ଜେଇ ଚାଲାଣ ନେଇ ଗୁପ୍ତ ସୂଚନା ମିଳିବା ପରେ ଖୋର୍ଦ୍ଧା ଏସ୍ପି ପରମାର ସ୍ମିତ ପର୍ଶୋତ୍ତମଦାସଙ୍କ ନିର୍ଦ୍ଦେଶରେ ସଦର ଥାନା ପୁଲିସ ଅଭିଯାନ ଆରମ୍ଭ କରିଥିଲା। ଆଇଆଇସି ବାସୁଦେବ ଜୟସିଂହଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ଦୀପକ କୁମାର ପାକଳଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ସନ୍ଧ୍ୟା ୭ଟାରେ ଗାଇଡାନ୍ସ ଇଣ୍ଟରନ୍ୟାସନାଲ ସ୍କୁଲ ନିକଟ ଦୁର୍ଗାପୁରଠାରେ ଚଢ଼ାଉ କରିଥିଲା। ପୁଲିସର ଏହି ଅଚାନକ ଚଢ଼ାଉରେ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଗାଡ଼ି ସହ ଅଭିଯୁକ୍ତମାନେ ଧରାପଡ଼ିଥିଲେ। ପୁଲିସର ପ୍ରାଥମିକ ତଦନ୍ତ ଅନୁସାରେ, କନ୍ଧମାଳ ଜିଲାର ଫୁଲବାଣୀ ନିକଟ କାଇଁଝର ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରାଯାଇ ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନକୁ ପଠାଯାଉଥିଲା। ଚାଲାଣକୁ ସୁରକ୍ଷିତ ଭାବେ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ପାଇଁ ଏସ୍କର୍ଟ ଦଳ ମଧ୍ୟ ନିୟୋଜିତ ହେଉଥିଲେ। ଏହି ଘଟଣାରେ ଗିରଫ ବାପି ଓରଫ ପୀତ ରଞ୍ଜନ ନାୟକ (୩୨) ଓ ଅଜୟ କୁମାର ମଲ୍ଲିକ (୪୪) ଗଞ୍ଜେଇ ସଂଗ୍ରହ ଓ ପରିବହନରେ, ମଧୁ ଓରଫ ମଧୁସୂଦନ ପାଣିଗ୍ରାହୀ (୨୨) ଓ ସୁଧାଂଶୁ ଭୂଷଣ ଦାଶ (୨୮) ଏସ୍କର୍ଟ ଦାୟିତ୍ୱରେ ଏବଂ ଦୀପୁ ମଲ୍ଲିକ (୩୧) ଓ ରାହୁଲ କୁମାର ସିଂହ (୨୭) ବିକ୍ରି ଓ ବିତରଣରେ ସମ୍ପୃକ୍ତ ଥିବା ପୁଲିସ ଦର୍ଶାଇଛି। ଅଭିଯୁକ୍ତମାନଙ୍କଠାରୁ ଟିଏସ୍୦୭ୟୁଏଲ୍୯ ୬୩୪ ନମ୍ବର ବିଶିଷ୍ଟ ଟୁର୍ଏସ୍ କାର୍ ଏବଂ ଓଡ଼ି୩୩ଏଭି୯୨୦୫ ଓ ଓଡ଼ି୦୨ଡିଡି୮୫୭୮ ନମ୍ବର ବିଶିଷ୍ଟ ଦୁଇଟି ଅରା କାର୍ ଜବତ କରାଯାଇଛି। ଏଥିସହ ପାଞ୍ଚଟି ମୋବାଇଲ ଫୋନ୍ ଓ ନଗଦ ଟଙ୍କା ମଧ୍ୟ ପୁଲିସ ଜବତ କରିଛି। ଏନେଇ ଖୋର୍ଦ୍ଧା ସଦର ଥାନାରେ ୫୨୪/୨୦୨୬ ନମ୍ବର ମାମଲା ରୁଜୁ କରାଯାଇ ଏନ୍ଡିପିଏସ୍ ଆଇନର ଧାରା ୨୦(ବି)(ସସ୍)(ସି)/୨୯ ଅନୁଯାୟୀ ତଦନ୍ତ ଚାଲିଛି। ଗିରଫ ୬ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ନିଶା କାରବାରର ଆର୍ଥିକ ଉତ୍ସ, ଅନ୍ୟ ସହଯୋଗୀ ଏବଂ ନିଶା ବ୍ୟବସାୟରୁ ଅର୍ଜିତ ସମ୍ପତ୍ତିର ଖୋଳତାଡ଼ ଜାରି ରଖିଛି ପୁଲିସ। ନିଶା କାରବାରର ଛୋଟ ବିକ୍ରେତାଙ୍କୁ ଧରିବା ସହ ଏହାର ପଛରେ ଥିବା ବଡ଼ ନେଟୱର୍କକୁ ମୂଳରୁ ଉଚ୍ଛେଦ କରିବା ଉପରେ ଖୋର୍ଦ୍ଧା ପୁଲିସ ଗୁରୁତ୍ୱ ଦେଉଥିବା କହିଛି। ତେବେ ଏହି ନେଟୱର୍କର ଆଉ କେତେ ଲିଙ୍କ୍ ରହିଛି ଏବଂ ଏହାର ଆର୍ଥିକ କାରବାର କେତେ ବ୍ୟାପକ, ତାହା ଆଗାମୀ ତଦନ୍ତରୁ ସ୍ପଷ୍ଟ ହେବ।

ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ଏବଂ କିଷାନ୍ ମେଳା -୨୦୨୬ ପାଳିତ

ବାଲେଶ୍ୱର, ୦୭/୧୧ (ଜେଏନ୍ଏସ୍) : ସହନଶୀଳ ଖାଦ୍ୟ ପ୍ରଣାଳୀ ପାଇଁ ଗୋଷ୍ଠୀ ଭିତ୍ତିକ ବିହନ ବ୍ୟବସ୍ଥା ଓ କୃଷି ଜୈବ ବିବିଧତା ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ବାଲେଶ୍ୱର ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ତଥା କ୍ଷେତ ବଜାଅ ଅଭିଯାନ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ କିଷାନ୍ ମେଳା ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଆୟୋଜିତ ହୋଇଥିଲା । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱଜିତ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ଜିଲ୍ଲା ପରିଷଦ ସଭାପତି, ବାଲେଶ୍ୱର ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାଣ୍ଡିଆ ଚାଷର ଗୁରୁତ୍ୱ ତଥା ମାଣ୍ଡିଆ ଜାତୀୟ ଦ୍ରବ୍ୟର ସ୍ୱାସ୍ଥ୍ୟ ପାଇଁ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ଜିଲ୍ଲା ପରିଷଦ ଉପ ସଭାପତି ଶ୍ରୀମତୀ ଅନୁସୂୟା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରୁ ୩୦୦ ରୁ ଉର୍ଦ୍ଧ୍ୱ ଚାଷୀ ଏଠାରେ ଯୋଗଦାନ କରିଥିଲେ । ସହକାରୀ କୃଷି ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅଜିତ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ବାତ୍ୟା ପରବର୍ତ୍ତୀ ସ୍ଥିତି

ଗଞ୍ଜାମରେ ୭ ଯାଏଁ ସ୍କୁଲ ବନ୍ଦ



- ପାହାଡ଼ିଆ ଅଞ୍ଚଳରୁ ସ୍ଥାନାନ୍ତର ଜାରି
- ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ବନ୍ୟା ପରିସ୍ଥିତି
- ପୁନରୁଦ୍ଧାର କାର୍ଯ୍ୟକୁ ଜୋରଦାର କଲା ପ୍ରଶାସନ

ଭୁବନେଶ୍ୱର, ୭/୧୧(ଜେଏନ୍ଏସ୍) : ବାତ୍ୟା 'ଅର୍ଣ୍ଣବ' ଏବଂ 'ମୁରାସୁ'ର ଯାଆଁଳା ପ୍ରଭାବରେ ସୃଷ୍ଟି ହୋଇଥିବା ପ୍ରବଳ ବର୍ଷା ଓ ବନ୍ୟା ପରିସ୍ଥିତି ପରେ ଏବେ ରାଜ୍ୟରେ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଜିଲ୍ଲା ଏହା ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି।

ବାତ୍ୟା ଓ ବନ୍ୟା ପରବର୍ତ୍ତୀ ସଫେଇ ତଥା ପୁନରୁଦ୍ଧାର କାର୍ଯ୍ୟ ପାଇଁ ଗଞ୍ଜାମ ଜିଲ୍ଲାର ସମସ୍ତ ସ୍କୁଲକୁ ଆସନ୍ତା ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ବିଦ୍ୟାଳୟଗୁଡ଼ିକରେ ଆଶ୍ରୟ ନେଇଥିବା ଲୋକଙ୍କ ସୁରକ୍ଷା ଏବଂ କ୍ୟାମ୍ପସ ସଫେଇକୁ ପ୍ରାଥମିକତା ଦିଆଯାଉଛି। ଲଗାତାର ବର୍ଷା ଯୋଗୁଁ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନର ବଡ଼ ବିପଦ ଦେଖାଦେଇଛି। ଏହାକୁ ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ସେହି ସବୁ ସଂବେଦନଶୀଳ ଅଞ୍ଚଳରୁ ଲୋକମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଉଛି। ବିପନ୍ନମାନଙ୍କ ପାଇଁ ଶୁଖିଲା ଓ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବାତ୍ୟାର ପ୍ରଭାବ ଧୀରେ ଧୀରେ କମୁଥିଲେ ମଧ୍ୟ ଓଡ଼ିଶାର କେତେକ ଜିଲ୍ଲାରେ ଏବେ ବି ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ କେତେକ ସ୍ଥାନରେ ସତର୍କ ସୂଚନା ଜାରି ରଖାଯାଇଛି। ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି।

ସାତକୋଶିଆ ବନଖଣ୍ଡରେ ଆତ୍ମସାତ ଅଭିଯୋଗ

ଥାନାରେ ଏତଲା, ଭିଜିଲାନ୍ସ ତଦନ୍ତ ଦାବି



ଅନୁଗୁଳ, ୦୭/୧୧ (ଜେଏନ୍ଏସ୍) : ସାତକୋଶିଆ ବନଖଣ୍ଡ କର୍ମଚାରୀଙ୍କ ପେନସନ,ଆରପିଏଫ,ଗ୍ରାଚୁଟି ଇତ୍ୟାଦିରେ ଵଡ ଧରଣର ହେରାଫେରି ଘଟଣା ସମ୍ପର୍କରେ ଅନୁଗୁଳ ଥାନା ରେ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ଏତଲା ଦିଆଯାଇଛି। ଅନୁଗୁଳ କୋଷାଗାର ଅଧିକାରୀ ଙ୍କ ସନ୍ଦେହଜନକ ଘଟଣା ର ତଥ୍ୟ ଖୋଳତାଡ ସମୟରେ ପ୍ରାୟ କୋଟି କୋଟି ଟଙ୍କା ଆତ୍ମସାତ ହୋଇଥିବା ଜଣାପଡିଛି। ଘଟଣା ସମ୍ପର୍କରେ କଟକ ବନଖଣ୍ଡ ର ଏକ ସ୍ୱତନ୍ତ୍ର ଦଳ ଅନୁଗୁଆସି ସମସ୍ତ ବିଷୟରେ ଅନୁସନ୍ଧାନ କରିବା ପରେ ବନଖଣ୍ଡ ଅଧିକାରୀ ଏମିତି ପଦକ୍ଷେପ ନେଇଥିବା ପ୍ରକାଶ । ସାତକୋଶିଆ ବନଖଣ୍ଡରେ କାର୍ଯ୍ୟରତ ଜଣେ କିରାଣୀ ଘଟଣା ପରେ ସସପେଣ୍ଡ ହୋଇଛନ୍ତି। ସମ୍ପୃକ୍ତ କିରାଣୀ ଙ୍କ ବଦଳି ହୋଇଥିଲେ ମଧ୍ୟ ଗତ ପ୍ରାୟ ତିନିମାସ ହେଲା ସେ ଛୁଟିରେ ରହୁଥିଲେ । ବିଲ୍ ଦାୟିତ୍ୱ ରେ ଥିବା ଏହି କର୍ମଚାରୀ ବିଗତ ଦିନରେ କିଛି ପୂର୍ବତନ ଅଧିକାରୀ ଙ୍କ ମୁଁ ନଜରରେ ରହିଥିଲେ । ଏହି ସୁଯୋଗରେ ସେ ଅବଶ୍ୟ ନେଉଥିବା ଅଥବା ମୃତ୍ୟୁ ଜନୀତ ଘଟଣା ରେ ସେମାନଙ୍କ ପରେ ପେନସନ,ଗ୍ରାଚୁଟି ଇତ୍ୟାଦିରେ ମିଳୁଥିବା ଅର୍ଥରେ ଚଞ୍ଚକତା କରି ଲକ୍ଷ ଲକ୍ଷ ଟଙ୍କା ଅନ୍ୟ ର ଏକାଉଣ୍ଟ ରେ ଜମାକରି ଫାଇଦା ଉଠାଇ ଥିବା ଅଭିଯୋଗ ର ତଦନ୍ତ ଚାଲିଛି। ଘଟଣା କେବେ ଠାରୁ ହୋଇ ଆସୁଛି ସେ ଦିଗକୁ ବନ ବିଭାଗ ନଜର ଅନ୍ଧାଜ କରି କୋଷାଗାରର ଅଭିଯୋଗ ଆଧାରରେ ତଦନ୍ତ ର ପରିସୀମା ନିର୍ଣ୍ଣୟ ସନ୍ଦେହଜନକ ଅଟେ । ଅଭିଯୁକ୍ତ ବ୍ୟକ୍ତି ୨୦୦୮ ମସିହା ପର ଠାରୁ ସେହି ନିର୍ଦ୍ଦିଷ୍ଟ ପଦବୀରେ ଅବସ୍ଥାପିତ ଅଛନ୍ତି।ଇତି ମଧ୍ୟରେ ବର୍ତ୍ତମାନ ର ଅଧିକାରୀ ଙ୍କ ଆଗରୁ ତିନି ଅଧିକାରୀ ବଦଳି ହୋଇ ଗଲେଣି।ସେ ସମୟରେ ସେ ଅଧିକାରୀ ମାନଙ୍କ ସହ ବେଶ ମିଳାମିଶା କରି ଅଧିକାରୀ ଙ୍କ ନିଜସ୍ୱ ଆଇ ଡି ପାସ୍ ର ଓ୍ୱାଡ ବ୍ୟବହାର କରିଥିବା ଘଟଣା କୁ ତଦନ୍ତ ପରିସରଭୁକ୍ତ କରାଯିବ କି ନାହିଁ ସମୟ କହିବ । ବେତନ ଅନୁଯାୟୀ ଅଭିଯୁକ୍ତ ଙ୍କ ସମ୍ପତି କୁ ନେଇ ସହରରେ ଚର୍ଚ୍ଚା ହୋଇଥାଏ। ଏକ ଘରୋଇ କମ୍ପାନୀରେ ତାଙ୍କର ଟ୍ରକ ବ୍ୟବସାୟ ଥିବା ଶୁଣାଯାଏ। ଉକ୍ତ କର୍ମଚାରୀ ଙ୍କ ଶିକ୍ଷା ଗତ ଯୋଗ୍ୟତା ମଧ୍ୟ ସନ୍ଦେହ ଥିବା ଅଭିଯୋଗ ସୋଇଥାଏ। ତେଣୁ ତାଙ୍କ ର ଶିକ୍ଷା ଗତ ପ୍ରମାଣ ପତ୍ର ର ତଦନ୍ତକୁ ବିଭାଗ ଗୁରୁତ୍ୱ ଦେବ ନା ଅଣଦେଖା କରିବ ତାହା ଏବେ ପ୍ରଶ୍ନବାଚୀ ଅଟେ । ଏ ଘଟଣାକୁ ଭିଜିଲାନ୍ସ ବିଭାଗକୁ ହସ୍ତାନ୍ତର କରିବା ବଦଳରେ ଥାନାରେ ଏତେଲା ଦେଇ ବିଭାଗର ଦୋଷ ଲୁଚାଇବାକୁ ପ୍ରୟାସ ହୋଇଥାଇପାରେ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ପ୍ରଶାସନିକ ସ୍ତରରେ ବଡ଼ ଧରଣର ଅଦଳବଦଳ

୪ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ମିଳିଲା ନୂଆ ଦାୟିତ୍ୱ



- ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ ଓ ଅର୍ଥ ବିଭାଗରେ ବଡ଼ ଫେରବଦଳ
- କେନ୍ଦ୍ରୀୟ ଡେପୁଟେସନରୁ ଫେରିଲେ ରୂପା ମିଶ୍ର

ଭୁବନେଶ୍ୱର,୦୭/୧୧(ଜେଏନ୍ଏସ୍): ରାଜ୍ୟ ପ୍ରଶାସନିକ ସେବାରେ ଆଜି ଆଇଏଏସ୍ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ଓ ଲୋକ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶିତ ଆଧିକାରିକ ବିଜ୍ଞପ୍ତି ଅନୁଯାୟୀ, ୪ ଜଣ ବରିଷ୍ଠ ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅଦଳବଦଳରେ ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ ଓ ଅର୍ଥ ଭଳି ପ୍ରମୁଖ ବିଭାଗ ସାମିଲ ରହିଛି।

କେନ୍ଦ୍ରୀୟ ଡେପୁଟେସନରୁ ଫେରିବା ପରେ ବରିଷ୍ଠ ଆଇଏଏସ୍ ଅଧିକାରୀ ରୂପା ମିଶ୍ରଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-ତଥା-ସଚିବ ଭାବେ ନିଯୁକ୍ତ କରାଯାଇଛି। ପୂର୍ବରୁ ପଞ୍ଚାୟତିରାଜ ବିଭାଗ ସମ୍ଭାଳୁଥିବା ଗିରୀଶ ଏସ୍.ଏନ୍.ଙ୍କୁ ଏବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ସଚିବ ଭାବେ ବଡ଼ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗର ସଚିବ ଥିବା ଅଶ୍ୱତୀ ଏସ୍.ଙ୍କୁ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ଏହା ସହିତ ସେ 'ଏସ୍ଆଇଟିଆଇ ଓଡ଼ିଶା'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ଓଡ଼ିଶା ଜଙ୍ଗଲ ବିକାଶ ନିଗମର ଅଧକ୍ଷର ମୁଖ୍ୟ ପ୍ରଶାସକ ଥିବା ୧୯୯୫ ବ୍ୟାଚ୍ର ବରିଷ୍ଠ ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ସାଧାରଣ ପ୍ରଶାସନ ଓ ଲୋକ ଅଭିଯୋଗ ବିଭାଗର ଓଏସ୍ଡି ଭାବେ ନୂଆ ନିଯୁକ୍ତି ଦିଆଯାଇଛି।

ରାଶିଫଳ

ମେଷ : ଏହି ସପ୍ତାହରେ ଆପଣଙ୍କ ପାଇଁ ସମୟ ଅନୁକୂଳ ରହିବ। କର୍ମକ୍ଷେତ୍ରରେ ନୂତନ ସୁଯୋଗ ମିଳିପାରେ। ଆର୍ଥିକ ସ୍ଥିତିରେ ଉନ୍ନତି ହେବାର ସମ୍ଭାବନା ରହିଛି। ପାରିବାରିକ ଜୀବନ ସୁଖମୟ ରହିବ।

ବୃଷ : ଏହି ସପ୍ତାହରେ କର୍ମକ୍ଷେତ୍ରରେ ସଫଳତା ପାଇବେ। ବ୍ୟବସାୟରେ ଲାଭ ମିଳିବାର ଯୋଗ ରହିଛି। ଅଯଥା ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ଦାମ୍ପତ୍ୟ ଜୀବନରେ ମଧୁରତା ବଜାୟ ରହିବ।

ମିଥୁନ : ଏହି ସପ୍ତାହରେ ଆପଣଙ୍କ ମନ ପ୍ରଫୁଲ୍ଲିତ ରହିବ। ନୂତନ କାର୍ଯ୍ୟ ଆରମ୍ଭ ପାଇଁ ସୁଯୋଗ ମିଳିବ। ଆୟ ବୃଦ୍ଧି ସହ ଆର୍ଥିକ ଲାଭ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ସାମାନ୍ୟ ଯତ୍ନବାନ ହୁଅନ୍ତୁ।

କର୍କଟ : ସପ୍ତାହ ଆରମ୍ଭରୁ କିଛି ଚିନ୍ତା ଦେଖାଦେଇପାରେ। କର୍ମକ୍ଷେତ୍ରରେ ଧୈର୍ଯ୍ୟର ସହ କାମ କରନ୍ତୁ। ପୁରୁଣା ଆର୍ଥିକ ସମସ୍ୟାର ସମାଧାନ ହୋଇପାରେ। ପରିବାର ସଦସ୍ୟଙ୍କ ସହ ଭଲ ସମୟ ବିତିବ।

ସିଂହ : ଏହି ସପ୍ତାହରେ ଭାଗ୍ୟ ଆପଣଙ୍କ ସାଥି ଦେବ। ଚାକିରି କ୍ଷେତ୍ରରେ ପଦୋନ୍ନତିର ସୁଯୋଗ ରହିଛି। ବ୍ୟବସାୟରେ ନୂତନ ଯୋଜନା ସଫଳ ହୋଇପାରେ। ସାମାଜିକ କ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ।

କନ୍ୟା : କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ମିଳିପାରେ। ଆର୍ଥିକ ଦିଗରେ ସତର୍କତା ଅବଲମ୍ବନ କରନ୍ତୁ। ବନ୍ଧୁଙ୍କ ସହଯୋଗରେ ଅଟକିଥିବା କାମ ହେବ। ସ୍ୱାସ୍ଥ୍ୟ ଭଲ ରହିବା ସହ ମନ ଶାନ୍ତ ରହିବ।

ତୁଳା : ଏହି ସପ୍ତାହ ଆପଣଙ୍କ ପାଇଁ ଶୁଭଫଳଦାୟକ ହେବ। ବ୍ୟବସାୟରେ ଲାଭ ଏବଂ ନୂତନ ଚୁକ୍ତି ହୋଇପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟର ଯୋଗ ରହିଛି।

ବିଛା : ଏହି ସପ୍ତାହରେ କାର୍ଯ୍ୟକ୍ଷେତ୍ରରେ ଉନ୍ନତି ହେବ। ନୂତନ ନିବେଶ କରିବା ପୂର୍ବରୁ ଭାବିଚିନ୍ତି କରନ୍ତୁ। ଆୟ ଅନୁସାରେ ବ୍ୟୟ କରିବା ଉଚିତ। ଦାମ୍ପତ୍ୟ ଜୀବନରେ ଖୁସିର ମାହୋଲ ରହିବ।

ଧନୁ : ଭାଗ୍ୟର ସହଯୋଗରେ ଅନେକ କାମ ସଫଳ ହେବ। ଛାତ୍ରଛାତ୍ରୀଙ୍କ ପାଇଁ ସପ୍ତାହଟି ଶୁଭ ରହିବ। ଆର୍ଥିକ ସ୍ଥିତିରେ ସୁଧାର ଆସିବାର ଯୋଗ ରହିଛି। ଦୂରଯାତ୍ରା ସମୟରେ ସତର୍କ ରୁହନ୍ତୁ।

ମକର : କର୍ମକ୍ଷେତ୍ରରେ ଆପଣଙ୍କ ପରିଶ୍ରମର ଫଳ ମିଳିବ। ବ୍ୟବସାୟରେ ନୂତନ ଯୋଜନା ଲାଭଦାୟକ ହେବ। ପାରିବାରିକ ଦାୟିତ୍ୱ ବୃଦ୍ଧି ପାଇପାରେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତୁ ନାହିଁ।

କୁମ୍ଭ : ଏହି ସପ୍ତାହରେ ଆପଣଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଚାକିରି ଓ ବ୍ୟବସାୟରେ ଶୁଭ ଖବର ମିଳିପାରେ। ଅଟକି ରହିଥିବା ଧନ ଫେରି ପାଇବାର ଯୋଗ ରହିଛି। ବନ୍ଧୁ ଓ ପରିବାର ସହ ସମ୍ପର୍କ ଭଲ ରହିବ।

ମୀନ : ସପ୍ତାହଟି ଆପଣଙ୍କ ପାଇଁ ମିଶ୍ରିତ ଫଳଦାୟକ ହେବ। କର୍ମକ୍ଷେତ୍ରରେ ନିଜ ଦକ୍ଷତା ପ୍ରମାଣ କରିବେ। ଆର୍ଥିକ କାରବାରରେ ସତର୍କ ରହିବା ଆବଶ୍ୟକ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ରକ୍ତ ରଞ୍ଜିତ ରାଜଧାନୀ...

ସନ୍ଦେହ କରୁଛି । ଅନ୍ୟ ଏକ ଲୋମହର୍ଷଣକାରୀ ଘଟଣା ସହିଦନଗର ଥାନା ଅଞ୍ଚଳରେ ଘଟିଛି, ଯେଉଁଠାରେ ସମ୍ପର୍କର ସମସ୍ତ ସୀମା ପାର୍ ହୋଇଯାଇଛି । ସେଠାରେ ଏକ ବସ୍ତି ଅଞ୍ଚଳରେ ପାରିବାରିକ କଳହ ଏଭଳି ରୂପ ନେଇଥିଲା ଯେ, ଜ୍ୱାଇଁ ନିଜ ଶଳାକୁ ଏକ ବଡ଼ ପଥରରେ କ୍ରମାଗତ ଭାବେ ଛେଚି ନିର୍ମମ ଭାବେ ହତ୍ୟା କରିଛି । ପାରିବାରିକ ଅଶାନ୍ତି ଓ ନିଶାସକ୍ତ ଅବସ୍ଥାରେ ଏହି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଚିତ୍କାର ଶୁଣି ପଡ଼ୋଶୀମାନେ ପହଞ୍ଚିବା ବେଳକୁ ଯୁବକଙ୍କର ମୃତ୍ୟୁ ହୋଇସାରିଥିଲା । ଏହି ଦୁଇଟି ଯାକ ସମ୍ବେଦନଶୀଳ ମାମଲାରେ ସାଇଣ୍ଟିଫିକ୍ ଟିମ୍ ଏବଂ ଶ୍ୱାନ ବାହିନୀ ସହ ଭୁବନେଶ୍ୱର ଡିସିପି ଏବଂ ବରିଷ୍ଠ ପୁଲିସ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ସହିଦନଗର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ (ଜ୍ୱାଇଁ) କୁ ପୁଲିସ ଗିର

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ଏ ସପ୍ତାହର ପ୍ରମୁଖ ଖବର

✦ **ପୋଲିସ ନିଯୁକ୍ତି ସୁଯୋଗ** : ଓଡ଼ିଶା ପୋଲିସ ନିଯୁକ୍ତି ଆବେଦନ ପ୍ରକ୍ରିୟାର ସଂଶୋଧନ ଓ ନୂଆ ଆପ୍ଲିକେସନ ପାଇଁ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ମିଳିଲା ଆଉ ଏକ ସୁଯୋଗ

✦ **ରକ୍ତରଞ୍ଜିତ ରାଜଧାନୀ** : ଭୁବନେଶ୍ୱରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ; ଗୋଟିଏ ରାତିରେ ବମିଖାଲ ଓ ସହିଦନଗରରେ ଦୁଇଟି ପୃଥକ ହତ୍ୟାକାଣ୍ଡ ।

✦ **ବିଗ୍ ବଜେଟ୍ ଧନତେରସ୍** : ଓଡ଼ିଶା ବଜାରରେ ଚଳିତ ବର୍ଷ ଧନତେରସ୍ ଅବସରରେ ୩୦୦ କୋଟିରୁ ଅଧିକ ଟଙ୍କାର ସୁନା ବିକ୍ରି ରେକର୍ଡ ।

✦ **ସରକାରୀ ବାବୁ ଗିରଫ** : ବାଲାଙ୍ଗୀର ସରକାରୀ ଆଇଟିଆଇର ପ୍ରିନ୍ସିପାଲ୍ ୩୦,୦୦୦ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ।

✦ **ବାଲିଆପାଳ ଭିଜିଲାନ୍ସ କେସ୍** : ୭,୦୦୦ ଟଙ୍କା ଲାଞ୍ଚ ନେବା ବେଳେ ବାଲିଆପାଳ ସବ୍-ରେଜିଷ୍ଟ୍ରାର ମନୀଷା ମିଶ୍ରଙ୍କୁ ରଙ୍ଗେହାତ ବାନ୍ଧିଲା ଭିଜିଲାନ୍ସ ।

✦ **ମେଡିକାଲ ଶିକ୍ଷାରେ ଉନ୍ନତି** : ଓଡ଼ିଶାର ସରକାରୀ କଲେଜଗୁଡ଼ିକରେ ପିଜି ମେଡିକାଲ ପାଠ୍ୟକ୍ରମ ପାଇଁ ଆଉ ୩୧୮ଟି ଅତିରିକ୍ତ ସିଟ୍ ମଞ୍ଜୁର ।

✦ **କୋଟିଆ ସୀମା ବିବାଦ** : ୮୦ କୋଟି ଟଙ୍କାର ବଡ଼ ଆର୍ଥିକ ଜାଲିଆତି ମାମଲାରେ ପୂର୍ବତନ ସାଂସଦ ଭାସ୍କର ରାଓଙ୍କ ବାସଭବନ ସମେତ ୧୨ଟି ସ୍ଥାନରେ ଇଡିର ଚଢ଼ାଉ ।

✦ **ବନ୍ୟପ୍ରାଣୀ ସୁରକ୍ଷା** : ପିପିଲି ଟୋଲ୍ ଗେଟ୍ ନିକଟରୁ କାର୍ ଭିତରୁ ୨୩୦ଟି ଜୀବନ୍ତ କଇଁଛ ଉଦ୍ଧାର; ୨ ଜଣ ଆନ୍ତଃରାଜ୍ୟ ମାଫିଆ ଗିରଫ ।

✦ **ନବୀନଙ୍କ ଗଞ୍ଜାମ ଗସ୍ତ** : ବାତ୍ୟା ଓ ବନ୍ୟା ପ୍ରଭାବିତ ଫସଲ ଦେଖି ଚାଷୀଙ୍କ ସମସ୍ୟା ବୁଝିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ।

✦ **ସୁରକ୍ଷିତ ଉଦ୍ଧାର** : ବାତ୍ୟା ପରବର୍ତ୍ତୀ ସମୟରେ ନିଖୋଜ ଥିବା କିଛି ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟରୁ ଜୀବିତ ଉଦ୍ଧାର କଲା କୋଷ୍ଟଗାର୍ଡ ।

✦ **ଜଳବାୟୁ ସମ୍ମିଳନୀ କାର୍ଯ୍ୟସୂଚୀ** : ଗ୍ଲୋବାଲ୍ ୱାର୍ମିଂ ଓ କାର୍ବନ ନିର୍ଗମନ ହ୍ରାସ ପାଇଁ ଅନୁଷ୍ଠିତ ହେବାକୁ ଥିବା ଜଳବାୟୁ ସମ୍ମିଳନୀ ଉପରେ ବିଶ୍ୱବାସୀଙ୍କ ନଜର ।

✦ **ମଧ୍ୟପ୍ରାଚ୍ୟରେ ସଂଘର୍ଷ** : ଗାଜା ଏବଂ ଲେବାନନ୍ ସୀମାରେ ଇସ୍ରାଏଲର ଏୟାର୍ ଷ୍ଟ୍ରାଇକ୍ ଜାରି; ଯୁଦ୍ଧ ବିରତି ପାଇଁ ବିଶ୍ୱ ସଂଗଠନଗୁଡ଼ିକର ଅପିଲ୍ ।

✦ **ଅମିତାଭଙ୍କୁ ବୋମା ଧମକ** : ବଲିଉଡ୍ ସେହେନସା ଅମିତାଭ ବଚ୍ଚନଙ୍କ ପ୍ରସିଦ୍ଧ ବାସଭବନ 'ଜଲ୍‌ସା'କୁ ବୋମାରେ ଉଡ଼ାଇ ଦେବାକୁ ଆସିଲା ଧମକପୂର୍ଣ୍ଣ ମେଲ୍ ।

✦ **ମହମ୍ମଦ ଶାମିଙ୍କ ବଡ଼ ନିଷ୍ପତ୍ତି** : ଭାରତର ତାରକା ଦ୍ରୁତ ବୋଲର ମହମ୍ମଦ ଶାମି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କଲେ; ସୀମିତ ଓଭର ଖେଳିବା ଜାରି ରଖିବେ ।



"ଫୁଟବଲ ଜଗତରେ ଏକ ଯୁଗର ଅବସାନ

ଆନ୍ତର୍ଜାତୀୟ ଫୁଟବଲରୁ ଅବସର ନେଲେ କ୍ରିଷ୍ଟିଆନୋ ରୋନାଲଡୋ

ଲିସବନ, ୦୭/୧୧: ଫୁଟବଲ ଇତିହାସର ଅନ୍ୟତମ ଶ୍ରେଷ୍ଠ ଖେଳାଳି କ୍ରିଷ୍ଟିଆନୋ ରୋନାଲଡୋ ଆନ୍ତର୍ଜାତୀୟ ଫୁଟବଲରୁ ନିଜର ଅବସର ଘୋଷଣା କରିଛନ୍ତି । ପୋର୍ଟୁଗାଲ ଜାତୀୟ ଦଳ ପାଇଁ ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ଧରି ଖେଳିବା ପରେ ସେ ଆନ୍ତର୍ଜାତୀୟ ମଞ୍ଚକୁ ଅଲବିଦା କହିଛନ୍ତି । ତାଙ୍କର ଏହି ହଠାତ୍ ନିଷ୍ପତ୍ତି ସାରା ବିଶ୍ୱର କୋଟି କୋଟି ଫୁଟବଲ ପ୍ରେମୀଙ୍କୁ ଚକିତ ଓ ଭାବପ୍ରବଣ କରିଦେଇଛି । ରୋନାଲଡୋ ନିଜର ଆନ୍ତର୍ଜାତୀୟ କ୍ୟାରିୟର ମଧ୍ୟରେ ଅନେକ ବଡ଼ ରେକର୍ଡ ନିଜ ନାମରେ କରିଛନ୍ତି । ସେ ବିଶ୍ୱ ଫୁଟବଲ ଇତିହାସରେ ସର୍ବାଧିକ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ସହ ସର୍ବାଧିକ ଗୋଲ୍ ସ୍କୋର କରିବାର ବିଶ୍ୱ ରେକର୍ଡ ମଧ୍ୟ ନିଜ ପାଖରେ ରଖିଛନ୍ତି । ତାଙ୍କରି ନେତୃତ୍ୱରେ ପୋର୍ଟୁଗାଲ ଦଳ ୨୦୧୬ ମସିହାରେ ପ୍ରଥମ ଥର ପାଇଁ ଐତିହାସିକ 'ୟୁରୋ କପ୍' ଏବଂ ୨୦୧୯ ରେ 'ନେସନ୍ସ ଲିଗ୍' ଟ୍ରଫି ଜିତିବାର ଗୌରବ ହାସଲ କରିଥିଲା ।

ଦୀର୍ଘ ଦୁଇ ଦଶନ୍ଧିର ସ୍ମରଣୀୟ ଯାତ୍ରାରେ ପୂର୍ଣ୍ଣଚ୍ଛେଦ

ନିଜ ଅବସର ଘୋଷଣା କରି ରୋନାଲଡୋ କହିଛନ୍ତି, "ପୋର୍ଟୁଗାଲର ନାଲି ଓ ସବୁଜ ଜର୍ସି ପିନ୍ଧି ଦେଶ ପାଇଁ ଖେଳିବା ମୋ ଜୀବନର ସବୁଠାରୁ ବଡ଼ ଗର୍ବ ଥିଲା । ମୁଁ ପଡ଼ିଆରେ ନିଜର ସର୍ବସ୍ୱ ଦେଇଛି । ପ୍ରଶଂସକମାନଙ୍କ ଠାରୁ ମିଳିଥିବା ଭଲପାଇବା ମୋ ସହିତ ସବୁଦିନ ପାଇଁ ରହିବ ।" ରୋନାଲଡୋଙ୍କ ଅବସର ଖବର ପ୍ରସାରିତ ହେବା ପରେ ମହାନ ଖେଳାଳି ପେଲେ ଓ ମାରାଡୋନାଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନର ସମକାଳୀନ ତାରକା ଲିଓନେଲ ମେସି ଓ ନେମାରଙ୍କ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାଥୀ ଖେଳାଳି ଏବଂ ବିଶ୍ୱର ବଡ଼ ବଡ଼ କ୍ରୀଡ଼ା ବ୍ୟକ୍ତିତ୍ୱ ତାଙ୍କୁ 'ସର୍ବକାଳୀନ ଶ୍ରେଷ୍ଠ' ବୋଲି ଅଭିହିତ କରି କୃତଜ୍ଞତା ଜଣାଇଛନ୍ତି । ଆନ୍ତର୍ଜାତୀୟ ସ୍ତରରୁ ବିଦାୟ ନେଇଥିଲେ ମଧ୍ୟ ସେ ନିଜର କ୍ଲବ୍ ଫୁଟବଲ ଖେଳ ଜାରି ରଖିବେ ବୋଲି ସୂଚନା ମିଳିଛି ।



ଆଇପିଏଲ୍ ୨୦୨୬ ପୂର୍ବରୁ ମେଗା ଟ୍ରେଡ୍ ଡିଲ୍

ସିଏସ୍‌କେ ଓ ଏସ୍‌ଆର୍‌ଏଚ୍ ମଧ୍ୟରେ ୪ ତାରକା ଖେଳାଳିଙ୍କ ବଡ଼ ଅଦଳବଦଳ

ନୂଆଦିଲ୍ଲୀ,୦୭/୧୧ : ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୬ ସିଜିନ୍ ପାଇଁ ହେବାକୁ ଥିବା ମିନି ନିଲାମ ପୂର୍ବରୁ କ୍ରିକେଟ ମହଲାରେ ଏକ ବଡ଼ ହଲଚଲ ଦେଖାଦେଇଛି । ଚେନ୍ନାଇ ସୁପର କିଙ୍ଗସ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଏକ ଐତିହାସିକ ୪-ଖେଳାଳି ବିଶିଷ୍ଟ ମେଗା ଟ୍ରେଡ୍ ଡିଲ୍ ସମ୍ପୂର୍ଣ୍ଣ ହୋଇଛି । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଦ୍ୱାରା ଅନୁମୋଦିତ ଏହି ବଡ଼ ଡିଲ୍ ଅନୁଯାୟୀ, ଦୁଇ ପ୍ରମୁଖ ଫ୍ରାଞ୍ଚାଇଜି ନିଜ ଦଳର ସନ୍ତୁଳନ ରକ୍ଷା କରିବା ପାଇଁ ତାରକା ଖେଳାଳିଙ୍କୁ ଅଦଳବଦଳ କରିଛନ୍ତି । ଏହି ଟ୍ରେଡ୍‌ର ସବୁଠାରୁ ବଡ଼ ଆକର୍ଷଣ ସାଜିଛନ୍ତି ଇଂଲଣ୍ଡର ବିସ୍ଫୋରକ ଅଲରାଉଣ୍ଡର ଲିଆମ୍ ଲିଭିଙ୍ଗଷ୍ଟୋନ୍ । ସେ ସନରାଇଜର୍ସ ହାଇଦ୍ରାବାଦ ଦଳ ଛାଡ଼ି ଏବେ ଚେନ୍ନାଇ ସୁପର କିଙ୍ଗସର ହଳଦିଆ ଜର୍ସିରେ ନଜର ଆସିବେ । ଆଶ୍ଚର୍ଯ୍ୟଜନକ ଭାବେ, ପୂର୍ବ ନିଲାମରେ ୧୩ କୋଟି ଟଙ୍କାରେ ବିକ୍ରି ହୋଇଥିବା ଲିଭିଙ୍ଗଷ୍ଟୋନ୍ ଏହି ଟ୍ରେଡ୍‌ରେ ମାତ୍ର ୬ କୋଟି ଟଙ୍କାର ହ୍ରାସ ପ୍ରାଇସରେ ଉଚ୍ଚକ ରେ ସାମିଲ ହୋଇଛନ୍ତି । ତାଙ୍କ ସହ ଅଷ୍ଟ୍ରେଲିଆର ଉଦୀୟମାନ ପେସ୍-ବୋଲିଂ ଅଲରାଉଣ୍ଡର ଜ୍ୟାକ୍ ଏଡୱାର୍ଡସ ମଧ୍ୟ ୩ କୋଟି ଟଙ୍କା ବିନିମୟରେ ଚେନ୍ନାଇ ଦଳକୁ ଯାଇଛନ୍ତି ।



ଅପରପକ୍ଷରେ, ସନରାଇଜର୍ସ ହାଇଦ୍ରାବାଦ ନିଜର ବୋଲିଂ ବିଭାଗକୁ ଶକ୍ତିଶାଳୀ କରିବା ପାଇଁ ଚେନ୍ନାଇ ଠାରୁ ଦୁଇଜଣ ଘାତକ ବୋଲରଙ୍କୁ ଆଣିଛି । ଭାରତୀୟ ବାମହାତୀ ପେସର ଖଲିଲ୍ ଅହମ୍ମଦ (୪.୮ କୋଟି ଟଙ୍କା) ପୁଣି ଥରେ ନିଜର ପୁରୁଣା ଫ୍ରାଞ୍ଚାଇଜି ଏସ୍‌ଆର୍‌ଏଚ୍‌କୁ ଫେରିଛନ୍ତି, ଯେଉଁଠି ସେ ୨୦୧୮ ରୁ ୨୦୨୧ ପର୍ଯ୍ୟନ୍ତ ଖେଳିଥିଲେ । ତାଙ୍କ ସହିତ ଅଷ୍ଟ୍ରେଲିଆର ଡେଥ୍ ଓଭର ସ୍ପେଶାଲିଷ୍ଟ ବୋଲର ନାଥାନ୍ ଏଲିସ୍ (୨ କୋଟି ଟଙ୍କା) ମଧ୍ୟ ହାଇଦ୍ରାବାଦ ଦଳରେ ସାମିଲ ହୋଇଛନ୍ତି । ଆସନ୍ତା ନଭେମ୍ବରରେ ଆଇପିଏଲ୍ ରିଟେନସନ ପ୍ରକ୍ରିୟା ଶେଷ ହେବାକୁ ଥିବାବେଳେ ଡିସେମ୍ବର ୧୬ ତାରିଖରେ ଗୋଆଠାରେ ମିନି ନିଲାମ ଅନୁଷ୍ଠିତ ହେବ । ଏହା ପୂର୍ବରୁ ହୋଇଥିବା ଏହି ମେଗା ସ୍ୱାପ୍ ଡିଲ୍ ଆଗାମୀ ସିଜିନ୍ ପାଇଁ ଉଭୟ ଦଳର ରଣନୀତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି ।

◆ ଏସୀୟ ହକିରେ ଭାରତୀୟ ସୁଲତାନଙ୍କ ରାଜ୍

ଚୀନକୁ ହରାଇ ଚାମ୍ପିଅନ୍ ହେଲା ଟିମ୍ ଇଣ୍ଡିଆ

ମୋଆଲି (ଚୀନ),୦୭/୧୧ : ଏସୀୟ ହକି ଚାମ୍ପିଅନ୍ସ ଟ୍ରଫିର ରୋମାଞ୍ଚକର ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ପୁରୁଷ ହକି ଦଳ ନିଜର ଦେଶର ଗୌରବ ବଜାୟ ରଖି ପୁଣି ଥରେ ଚାମ୍ପିଅନ୍ ହୋଇଛି । ଶାଙ୍ଘାଇ ନିକଟସ୍ଥ ମୋଆଲି ହକି ଷ୍ଟାଡିୟମରେ ଖେଳାଯାଇଥିବା ଏହି ହାଇ-ଭୋଲ୍ଟେଜ୍ ମ୍ୟାଚ୍‌ରେ ଭାରତ ଘରୋଇ ଚୀନ ଦଳକୁ ୫-୨ ଗୋଲ୍‌ରେ ପରାସ୍ତ କରି ଟ୍ରଫି ନିଜ ନାମରେ କରିଛି । ଏହି ବିଜୟ ସହ ଭାରତ ରେକର୍ଡ ପଞ୍ଚମ ଥର ପାଇଁ ଏହି ପ୍ରତିଯୋଗିତା ଜିତି ଏସିଆ ମହାଦେଶରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଛି ।



ମ୍ୟାଚ୍ ଆରମ୍ଭରୁ ହିଁ ଉଭୟ ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା । ଚୀନ ପ୍ରଥମାର୍ଦ୍ଧରେ ଭାରତକୁ କଡ଼ା ପ୍ରତିଯୋଗିତା ଦେଇଥିଲେ ମଧ୍ୟ ଦ୍ୱିତୀୟାର୍ଦ୍ଧରେ ଭାରତୀୟ ଖେଳାଳିମାନେ ଆକ୍ରମଣାତ୍ମକ ଶୈଳୀ ଆପଣାଇଥିଲେ । ଭାରତ ପକ୍ଷରୁ ଅଧିନାୟକ ତଥା ଡ୍ରାଗ୍-ଫ୍ଲିକର୍ ହରମନପ୍ରୀତ ସିଂହ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଗୋଲ୍ ଦେଇ ଦଳର ବିଜୟର ପ୍ରମୁଖ ସୂତ୍ରଧର ସାଜିଥିଲେ । ତାଙ୍କ ବ୍ୟତୀତ ସୁଖଜିତ ସିଂହ ଏବଂ ଅଭିଷେକ ମଧ୍ୟ ଚମତ୍କାର ଗୋଲ୍ କରି ଚୀନ ଦଳର ରକ୍ଷଣଭାଗକୁ ଧ୍ୱସ୍ତ କରିଦେଇଥିଲେ ।

ପୂରା ଟୁର୍ନାମେଣ୍ଟରେ ଭାରତୀୟ ଦଳର ପ୍ରଦର୍ଶନ ଅତି ଉଚ୍ଚକୋଟୀର ରହିଥିଲା । ଗ୍ରୁପ୍ ପର୍ଯ୍ୟାୟ ଠାରୁ ଆରମ୍ଭ କରି ଫାଇନାଲ୍ ପର୍ଯ୍ୟନ୍ତ ଭାରତ ଗୋଟିଏ ହେଲେ ମଧ୍ୟ ମ୍ୟାଚ୍ ହାରି ନାହିଁ । ଭାରତର ଏହି ଐତିହାସିକ ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସମେତ ସାରା ଦେଶରୁ ଶୁଭେଚ୍ଛାର ସୁଅ ଛୁଟିଛି । ଏହି ବିଜୟ ଭାରତୀୟ ହକିର ସ୍ୱର୍ଣ୍ଣିମ ଯୁଗ ଫେରିଆସୁଥିବାର ସ୍ପଷ୍ଟ ସଙ୍କେତ ଦେଇଛି ।

ଗୁରନୁରଙ୍କ ଘାତକ ବୋଲିଂ

୧୩୪ ରନ୍ ପିଛା କରୁଛି ଭାରତ



ୱେଲିଙ୍ଗଟନ୍ ଦିନିକିଆ
ନ୍ୟୁଜିଲାଣ୍ଡ-ଭାରତ

ଟେଷ୍ଟ କ୍ରିକେଟରୁ ଶାମିଙ୍କ ଅଲ୍‌ବିଦା

ୱେଲିଙ୍ଗଟନ୍/ନୂଆଦିଲ୍ଲୀ,୦୭/୧୧ : ନ୍ୟୁଜିଲାଣ୍ଡ ମାଟିରେ ଭାରତୀୟ ଯୁବ ପେସ୍ ବାହିନୀ ସେମାନଙ୍କର ଘାତକ ପ୍ରଦର୍ଶନ ଜାରି ରଖିଛନ୍ତି । ୱେଲିଙ୍ଗଟନ୍‌ଠାରେ ଖେଳାଯାଉଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଯୁବ ଦ୍ରୁତ ବୋଲର ଗୁରନୁର ବ୍ରାର୍‌ଙ୍କ ୪ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ବଳରେ ଭାରତ ଘରୋଇ ନ୍ୟୁଜିଲାଣ୍ଡ ଦଳକୁ ମାତ୍ର ୧୩୪ ରନ୍‌ରେ ଅଲ୍‌ଆଉଟ୍ କରିଦେଇଛି । ନ୍ୟୁଜିଲାଣ୍ଡ ପକ୍ଷରୁ ଡାରିଲ ମିଚେଲ ସର୍ବାଧିକ ୫୫ ରନ୍ କରିଛନ୍ତି । ତେବେ ୧୩୫ ରନ୍‌ର ସହଜ ଲକ୍ଷ୍ୟକୁ ପିଛା କରୁଥିବା ଭାରତୀୟ ଦଳ ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୧୨ ରନ୍‌ରେ ୭ଟି ୱିକେଟ୍ ହରାଇବା ପରେ ବର୍ତ୍ତମାନ ବର୍ଷା ଯୋଗୁଁ ଖେଳ ସ୍ଥଗିତ ରହିଛି । ଭାରତର ଅଭିଜ୍ଞ ତଥା ଷ୍ଟାର୍ ଦ୍ରୁତ ବୋଲର ମହମ୍ମଦ ଶାମି ଟେଷ୍ଟ କ୍ରିକେଟରୁ ନିଜର ଅବସର ଘୋଷଣା କରିଛନ୍ତି । ୩୬ ବର୍ଷୀୟ ଶାମି ନିଜ କ୍ୟାରିୟରରେ ୬୪ଟି ଟେଷ୍ଟ ମ୍ୟାଚ୍ ଖେଳି ୨୯ଟି ୱିକେଟ୍ ହାସଲ କରିଛନ୍ତି । ସେ ଦିନିକିଆ ଏବଂ ଟି-୨୦ ଭଳି ସୀମିତ ଓଭର ଫର୍ମାଟ୍‌ରେ ଖେଳିବା ଜାରି ରଖିବେ । ଚେନ୍ନାଇ ସୁପର କିଙ୍ଗସ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ୪ ଜଣ ଖେଳାଳିଙ୍କୁ ନେଇ ଏକ ବଡ଼ ଟ୍ରେଡ୍ ଅଫିସିଆଲ୍ ହୋଇଛି । ଚେନ୍ନାଇ ଖାଲିଲ ଅହମ୍ମଦ ଓ ନାଥନ ଏଲିସଙ୍କ ବଦଳରେ ଲିଆମ ଲିଭିଙ୍ଗଷ୍ଟୋନ୍ ଏବଂ ଜ୍ୟାକ ଏଡୱାର୍ଡସଙ୍କୁ ନିଜ ଦଳରେ ସାମିଲ କରିଛି ।

ADVERTISEMENT TARIFF

FULL PAGE FRONT	Rs. 1,00,000.00
FULL PAGE BACK	Rs. 80,000.00
FULL PAGE COVER	Rs. 80,000.00
FULL PAGE INNER	Rs. 80,000.00
HALF PAGE FR/BK	Rs. 80,000.00
QUARTER PAGE	Rs. 25,000.00
EAR PANEL FRONT	Rs. 5,000.00
EAR PANEL BACK	Rs. 5,000.00

"ସମ୍ବିଧାନ ଆମ ସପକ୍ଷରେ, ବ୍ୟବସ୍ଥା ଆମ ବିରୁଦ୍ଧରେ"

'କଥା ସ୍ୱାଭିମାନର ବିଚାର ଆପଣଙ୍କର,



ସାରଦା ପ୍ରସନ୍ନ ସ୍ୱାଇଁ
ସାଧାରଣ ସମ୍ପାଦକ
ଜନ ଜାଗରଣ

ଭାରତୀୟ ସମ୍ବିଧାନ ହେଉଛି ଆମ ଦେଶର ଗଣତନ୍ତ୍ରର ମୂଳ ଆଧାର। ଏହା କେବଳ ଏକ ଆଇନଗତ ଦସ୍ତାବିଜ ନୁହେଁ, ବରଂ ଦେଶର ପ୍ରତ୍ୟେକ ନାଗରିକଙ୍କ ଅଧିକାର, ସ୍ୱାଧୀନତା, ସମାନତା, ନ୍ୟାୟ ଓ ମର୍ଯ୍ୟାଦାର ସୁରକ୍ଷା କବଚ। ସମ୍ବିଧାନ ଆମକୁ ନ୍ୟାୟର ଅଧିକାର ଦେଇଛି, ଶୋଷଣ ବିରୋଧରେ ସ୍ୱର ଉଠାଇବାର ଶକ୍ତି ଦେଇଛି ଏବଂ ସମସ୍ତଙ୍କୁ ସମାନ ଭାବରେ ବଞ୍ଚିବାର ସୁଯୋଗ ପ୍ରଦାନ କରିଛି। କିନ୍ତୁ ଆଜି ଏକ ବଡ଼ ପ୍ରଶ୍ନ ଆମ ସମ୍ମୁଖରେ ଠିଆ ହୋଇଛି। ଯେଉଁ ସମ୍ବିଧାନ ଆମ ସପକ୍ଷରେ ରହିଛି, ସେହି ବ୍ୟବସ୍ଥା ଆମ ବିରୁଦ୍ଧରେ କାହିଁକି ଠିଆ ହେଉଛି ?

ଏହି ପ୍ରଶ୍ନ କେବଳ ମୋର ନୁହେଁ, ଏହା ଆଜିର ସାଧାରଣ ଜନତା, ଗରିବ, ଚାଷୀ, ଶ୍ରମିକ, ଯୁବକ, ମହିଳା ଓ ଅବହେଳିତ ବର୍ଗର ଅନ୍ତରର ଆକ୍ରୋଶ

୧. ସମ୍ବିଧାନରେ ଅଧିକାର ଅଛି, କିନ୍ତୁ ବାସ୍ତବରେ ନ୍ୟାୟ କେଉଁଠି ?

ଭାରତୀୟ ସମ୍ବିଧାନର ଧାରା ୧୪ ସମସ୍ତଙ୍କୁ ଆଇନ ଆଗରେ ସମାନତାର ଅଧିକାର ଦେଇଛି । ଧାରା ୧୯ ନାଗରିକଙ୍କୁ ଅଭିବ୍ୟକ୍ତିର ସ୍ୱାଧୀନତା ଦେଇଛି ଏବଂ ଧାରା ୨୧ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା କରିଛି । କିନ୍ତୁ ବାସ୍ତବ ଜୀବନରେ ଜଣେ ସାଧାରଣ ଲୋକ ନ୍ୟାୟ ପାଇବା ପାଇଁ କେତେ ଦ୍ୱାର ଘୁରୁଛି? ଜଣେ ଗରିବ ଲୋକ ନିଜ ଅଧିକାର ପାଇଁ କେତେ ଦିନ ଅପେକ୍ଷା କରୁଛି ? ଆର୍ଥିକ ସାମର୍ଥ୍ୟ ନଥିବାରୁ କେତେ ଲୋକ ନିଜର ନ୍ୟାୟସଙ୍ଗତ ଦାବି ଉପସ୍ଥାପନ କରିପାରୁନାହାନ୍ତି ? ଯଦି ନ୍ୟାୟ ପାଇବା ପାଇଁ ଧନ, ପ୍ରଭାବ ଓ ପରିଚୟର ଆବଶ୍ୟକତା ପଡ଼େ, ତେବେ ସାଧାରଣ ମଣିଷର ସମ୍ବିଧାନ ପ୍ରଦତ୍ତ ଅଧିକାରର ମୂଲ୍ୟ କ'ଣ ?

୨. ଗଣତନ୍ତ୍ର ଅଛି, କିନ୍ତୁ ଜନତାଙ୍କ ମତର ମୂଲ୍ୟ କେତେ ?

ଗଣତନ୍ତ୍ରରେ ଜନତା ହେଉଛନ୍ତି ପ୍ରକୃତ ଶକ୍ତିର ଉତ୍ସ । ନିର୍ବାଚନ ସମୟରେ ଜନପ୍ରତିନିଧିମାନେ ଜନତାଙ୍କ ପାଖକୁ ଯାଆନ୍ତି, ଅନେକ ପ୍ରତିଶ୍ରୁତି ଦିଅନ୍ତି ଏବଂ ଜନସେବାର ସଂକଳ୍ପ ନିଅନ୍ତି । କିନ୍ତୁ ନିର୍ବାଚନ ପରେ ସେହି ଜନତାଙ୍କ ସମସ୍ୟା ଶୁଣିବାକୁ କେତେ ଲୋକ ପ୍ରସ୍ତୁତ ରହୁଛନ୍ତି ? ବେକାରୀ, ଦରଦାମ ବୃଦ୍ଧି, ଦୁର୍ନୀତି, ଶିକ୍ଷା, ସ୍ୱାସ୍ଥ୍ୟ ଓ ମୌଳିକ ସୁବିଧାର ଅଭାବ ଆଜି ମଧ୍ୟ ଜନସାଧାରଣଙ୍କ ପାଇଁ ବଡ଼ ଆହ୍ୱାନ । ଜନତାଙ୍କ ଭୋଟରେ ଶାସନ ଗଠନ ହୁଏ, କିନ୍ତୁ ଶାସନରେ ଜନତାଙ୍କ ଅଂଶଗ୍ରହଣ କେତେ ରହୁଛି, ତାହା ଆତ୍ମସମୀକ୍ଷାର ବିଷୟ ।

୩. ଆଇନ ଅଛି, କିନ୍ତୁ ଆଇନର କାର୍ଯ୍ୟକାରିତା କେଉଁଠି ?

ଆମ ଦେଶରେ ଦୁର୍ନୀତି ରୋକିବା ପାଇଁ ଆଇନ ଅଛି, ମହିଳାଙ୍କ ସୁରକ୍ଷା ପାଇଁ ଆଇନ ଅଛି, ଶ୍ରମିକଙ୍କ ଅଧିକାର ପାଇଁ ଆଇନ ଅଛି ଏବଂ ସାଧାରଣ ନାଗରିକଙ୍କ ସୁରକ୍ଷା ପାଇଁ ଅନେକ ବ୍ୟବସ୍ଥା ରହିଛି । କିନ୍ତୁ ସମସ୍ୟା ହେଉଛି ଏହି ଆଇନଗୁଡ଼ିକର ନିରପେକ୍ଷ ଓ ସମାନ କାର୍ଯ୍ୟକାରିତା । ଯେତେବେଳେ କୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ଉଠେ ଏବଂ ସାଧାରଣ ଲୋକ ନ୍ୟାୟ ପାଇଁ ସଂଘର୍ଷ କରନ୍ତି, ସେତେବେଳେ ପ୍ରଶାସନର ନିରପେକ୍ଷତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ । ଆଇନ କାହାର ଚାପରେ ନୁହେଁ, ପ୍ରମାଣ ଓ ନ୍ୟାୟର ଆଧାରରେ କାର୍ଯ୍ୟ କରିବା ଦରକାର ।

୪. ଯୁବକଙ୍କ ସ୍ୱପ୍ନ ଓ ବ୍ୟବସ୍ଥାର ବାସ୍ତବତା କ'ଣ ?

ଯୁବକମାନେ ହେଉଛନ୍ତି ଦେଶର ଭବିଷ୍ୟତ । ସମ୍ବିଧାନ ସେମାନଙ୍କୁ ସମାନ ସୁଯୋଗ ଓ ମର୍ଯ୍ୟାଦାର ସହିତ ବଞ୍ଚିବାର ଅଧିକାର ଦେଇଛି । କିନ୍ତୁ ଶିକ୍ଷିତ ଯୁବକ ଯେତେବେଳେ ଚାକିରି ପାଇଁ ବର୍ଷ ବର୍ଷ ଅପେକ୍ଷା କରେ, ପରୀକ୍ଷାରେ ଅନିୟମିତତାର ଅଭିଯୋଗ ଉଠେ, ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ ହୁଏ ଏବଂ ଯୋଗ୍ୟତା ଥାଇ ମଧ୍ୟ ସୁଯୋଗ ମିଳେନାହିଁ, ସେତେବେଳେ ତାଙ୍କ ମନରେ ବ୍ୟବସ୍ଥା ପ୍ରତି ଅବିଶ୍ୱାସ ସୃଷ୍ଟି ହୁଏ। ଯୁବକଙ୍କୁ କେବଳ ପ୍ରତିଶ୍ରୁତି ନୁହେଁ, ସ୍ୱଚ୍ଛ ନିଯୁକ୍ତ